بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍
Weekly BADAR Qadian
କାଦିଆନ
Odia

ସଂଖ୍ୟା: 42
ବାର୍ଷିକ ଦେୟ : 600/-

23 ରବିଉସ୍ ସାନି 1447 ହି.କ, 16 ଇଖା 1404 ହି.ଶ, 16 October 2025 ମସିହା

www.akhbarbadr.in

## ଅଲାଃତାଲାଙ୍କ ବାଣୀ

اِنَّ اللّٰہَ یَحۡکُمُ بَیۡنَہُمۡ فِیۡ مَا ہُمۡ فِیۡہِ یَخۡتَلِفُوۡنَ ۬ؕ اِنَّ اللّٰہَ لَا یَہۡدِیۡ مَنۡ ہُوَ کٰذِبٌ کَفَّارٌ ۝۳

(ଅଜ୍ ଜୁମର୍: 04)

**ଅନୁବାଦ:** ନିଃସନ୍ଦେହ ରୂପେ ସେମାନଙ୍କର ଯେଉଁ ପ୍ରସଙ୍ଗରେ ମତଭେଦ ରହିଛି ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା ସେମାନଙ୍କ ମଧ୍ୟରେ ନିଷ୍ପତ୍ତି କରିବେ । ବାସ୍ତବରେ ଅଲ୍ଲାଃତାଲା ମିଥ୍ୟାବାଦୀ ଓ କୃତଘ୍ନମାନଙ୍କୁ ସଫଳତାର ମାର୍ଗ ଦେଖାନ୍ତି ନାହିଁ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଅଲ୍ଲାଃତାଲା ତିନିଜଣ ବ୍ୟକ୍ତିଙ୍କ ସହିତ ପ୍ରଳୟ ଦିବସ ଦିନ କଳହ କରିବେ ।

**(2227)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଅଲ୍ଲାଃତାଲା କୁହନ୍ତି ମୁଁ ପ୍ରଳୟ ଦିବସ ଦିନ ତିନି ଜଣ ବ୍ୟକ୍ତିଙ୍କ ସହିତ କଳହ କରିବି। 1- ଯେଉଁ ବ୍ୟକ୍ତି ମୋର ନାମୋଚ୍ଚାରଣ କରି ଅନ୍ୟ ବ୍ୟକ୍ତି ସହିତ କୌଣସି ଅଙ୍ଗୀକାର କଲା ଏବଂ ଅଙ୍ଗୀକାର କରିବା ପରେ ପୁନଶ୍ଚ ବିଶ୍ୱାସଘାତକତା ପ୍ରଦର୍ଶନ କଲା । 2- ଯେଉଁ ବ୍ୟକ୍ତି କୌଣସି ସ୍ୱାଧୀନ ଦାସକୁ ବିକ୍ରି କରି ତା'ର ମୂଲ୍ୟ ଖାଇଲା। 3- ସେହି ବ୍ୟକ୍ତି ଯିଏ ଶ୍ରମିକ ବା ମୂଲିଆକୁ ମୂଲରେ ରଖିଲା ଏବଂ ତା' ଠାରୁ ସଂପୂର୍ଣ୍ଣ କାମ ଆଦାୟ କଲା କିନ୍ତୁ ତା'ର ମୂଲ ତଥା ପାରିଶ୍ରମିକ ତାକୁ ଦେଲା ନାହିଁ।

### କେଉଁ ପଡ଼ୋଶୀ ଭେଟି ପାଇବା ପାଇଁ ସବୁଠୁ ବେଶୀ ଅଧିକ ଯୋଗ୍ୟ ଓ ଉପଯୁକ୍ତ ଅଟେ ?

**(2259)** ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ଦୁଇ ଜଣ ପଡ଼ୋଶୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ମୁଁ କାହାକୁ ଭେଟି ଦେବି ? ଆପଣ ସ.ଅ କହିଲେ, ସେହି ଦୁଇ ଜଣ ପଡ଼ୋଶୀଙ୍କ ମଧ୍ୟରୁ ଯେଉଁ ପଡ଼ୋଶୀର ଦ୍ୱାରା ଅର୍ଥାତ୍ ଘର ତୁମ ଘରର ଅଧିକ ନିକଟବର୍ତ୍ତୀ ଥିବ ସେହି ପଡ଼ୋଶୀକୁ ତୁମେ ଭେଟି ପ୍ରଦାନ କର ।

### ଯେଉଁ ବ୍ୟକ୍ତିମାନେ କୌଣସି ଦାୟିତ୍ୱ କିମ୍ବା କୌଣସି ପଦର ଲାଳସା ରଖନ୍ତି ସେମାନଙ୍କ ନିମନ୍ତେ ଉପଦେଶ।

(2261) ହ. ଅବୁ ମୁସା ଅଶ୍‌ଅରୀ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ୟମନରୁ ନବୀ କରୀମ୍ ସ.ଅଙ୍କ ପାଖରେ ଉପସ୍ଥିତ ହେଲି ଏବଂ ମୋ ସହିତ ଅଶ୍‌ଅର୍ ସଂପର୍ଦାୟର ଦୁଇ ଜଣ ବ୍ୟକ୍ତି ଥିଲେ । (ସେହି ଦୁଉ ଜଣ ବ୍ୟକ୍ତି କୌଣସି ସେବାର ଲାଳସା ଏବା କମାନା ରଖୁଥିଲେ ଯେ, ସେମାନଙ୍କୁ କୌଣସି କାମ ଅର୍ଥାତ୍ ଦାୟିତ୍ୱ ଦିଆଯାଉ) । ମୁଁ କହିଲି ମୋତେ ଜଣା ନଥିଲା ଯେ, ଏହି ଦୁଇଜଣ ବ୍ୟକ୍ତି ସେବା କରିବାର ଲାଳସା ବା ଇଚ୍ଛୁକ ଅଟନ୍ତି । ଆପଣ ସ.ଅ କହିଲେ, "ମୁଁ ଏପରି ଲୋକମାନଙ୍କୁ କାମରେ ନିୟୋଜିତ କରୁ ନାହିଁ (କାମରେ ରଖୁ ନାହିଁ) ଯେଉଁମାନେ କୌଣସି କାର୍ଯ୍ୟ କିମ୍ବା ଦାୟିତ୍ୱ ନିର୍ବାହ କରିବାର ଲାଳସା ଓ କାମନା ନିଜ ମନ ଭିତରେ ରଖନ୍ତି । ବର୍ଣ୍ଣନାକାରୀ କୁହନ୍ତି ଯେ, ନବୀ କରୀମ୍ ସ.ଅ କଥାବାର୍ତ୍ତା କରୁ କରୁ ଏହା କହିଲେ, ଅର୍ଥାତ୍ لَنۡ نَسۡتَعۡمِلَ ଅବା لَا نَسۡتَعۡمِلُ ।"**(ବୁଖାରୀ, ଭାଗ-4, ପ୍ରକାଶନ ବର୍ଷ-2008 ମସିହା, କାଦିୟାନ)** ☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

ଆମମାନଙ୍କ ପକ୍ଷେ ଏହା ଏହା ଉଚିତ୍ ହେବ କି ଆମେମାନେ ରସୁଲ୍ କରୀମ୍ ସ.ଅଙ୍କ ଯେଉଁ ଭବିଷ୍ୟବାଣୀ ରହିଛି ସେଥି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଆପଣମାନେ ସେହି ଭବିଷ୍ୟବାଣୀ ପ୍ରତି ଭୃକ୍ଷେପହୀନ (ଅବଚେତନ) ହୁଅନ୍ତୁ ନାହିଁ, ଅନ୍ୟଥା ଏକ ମହାପାପ ଲାଗିବ।

ମୁଁ ହ. ରସୁଲ୍ କରୀମ୍ ସ.ଅଙ୍କ ମୁଖ ନିଃସୃତ ପ୍ରତ୍ୟେକ ଶବ୍ଦକୁ ଅକ୍ଷରେ ଅକ୍ଷରେ ସମ୍ମାନ ପ୍ରଦର୍ଶନ କରେ ।

**ମସିହ୍ ମଉଦ୍‌ଙ୍କ ସକାଶେ ନମାଜ ଏକତ୍ରିତ କରାଯିବାର ଭବିଷ୍ୟବାଣୀ:** "ଯେପରି ଅଲ୍ଲାଃତାଲାଙ୍କ ଅନିର୍ବାର୍ଯ୍ୟ ଦାୟିତ୍ୱ ଉପରେ କାର୍ଯ୍ୟାନୁସରଣ କରାଯାଇଥାଏ । ଠିକ୍ ସେହିପରି ତାହାଙ୍କ ଦ୍ୱାରା ପ୍ରଦତ୍ତ କୋହଳ ନୀତି ଉପରେ ମଧ୍ୟ କାର୍ଯ୍ୟାନୁସରଣ କରିବା ଉଚିତ୍ । ଅନିର୍ବାର୍ଯ୍ୟ ପ୍ରସଙ୍ଗ ଓ କୋହଳ ପ୍ରସଙ୍ଗ ଉଭୟ ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଧାରିତ ଅଟନ୍ତି ।"

"ଦେଖ ! ମୁଁ ମଧ୍ୟ କୋହଳ ଏବଂ ରିହାତି ଉପରେ କାର୍ଯ୍ୟାନୁସରଣ କରିଥାଏ । ନମାଜ୍ ଜମା (2ଟି ନମାଜ୍‌କୁ ଏକତ୍ରିତ କରି ପାଠ କରିବା ଯେପରିକି ଜୋହୋର୍ ଓ ଅସର୍ ଏବଂ ମଗ୍‌ରିବ୍ ଓ ଇଶା) କରୁ କରୁ ଦଇ ମାସରୁ ଅଧିକ ସମୟ ବିତି ଯାଇଛି । ଏହାର କାରଣ ମୋର ଅସୁସ୍ଥତା ଏବଂ ସୁରାଃ ଫାତିହାର ବ୍ୟାଖ୍ୟା ଲେଖିବାରେ ନିମଗ୍ନତା ଯୋଗୁଁ ଏପରି ନମାଜ୍ ଜମା ହେଉଛି । ନମାଜ୍ ଜମା (ଏକତ୍ର) କରିବାରେ ହଦିସ୍ تُجۡمَعُ لَہُ الصَّلٰوۃُ ମଧ୍ୟ ଚରିତାର୍ଥ ହେଉଅଛି ଯେ, ପ୍ରତିଶୃତ ମସିହ୍‌ଙ୍କ ସକାଶେ ଦୁଇଟି ନମାଜ୍‌କୁ ଜମା କରି ଅର୍ଥାତ୍ ଏକତ୍ରିତ କରି ପାଠ କରାଯିବ । ଉପରୋକ୍ତ ହଦିସ୍‌ରୁ ଏହା ପ୍ରମାଣିତ ହୁଏ ଯେ, ପ୍ରତିଶୃତ ମସିହ୍‌ଙ୍କ ନମାଜ୍ ସମୟରେ ପ୍ରତିଶୃତ ମସିହ୍ ନମାଜ୍‌ରେ ମୁଖ୍ୟ ଇମାମ୍ ହେବ ନାହିଁ । ବରଂ ଅନ୍ୟ କେହି ନମାଜ୍‌ରେ ମୁଖ୍ୟ ଇମାମ୍ ହେବ ଓ ଇମାମତ୍ କରିବ । ସେହି ବ୍ୟକ୍ତି ଅର୍ଥାତ୍ ନମାଜ୍‌ରେ ଯିଏ ଇମାମତ୍ୱ କରିବ ସେ ମସିହ୍‌ଙ୍କ ସକାଶେ ନମାଜ୍ ଜମା (ଏକତ୍ରିତ) କରାଇବ। ସୁତରାଂ ବର୍ତ୍ତମାନ ଏହିପରି ହିଁ ହେଉଅଛି । ଯେଉଁ ଦିନ ମୁଁ ଅଧିକ ଅସୁସ୍ଥ ରହୁଥିଲି ଏବଂ ଅସୁସ୍ଥତା ଯୋଗୁଁ ମୁଁ ମସ୍‌ଜିଦ୍ ଆଦୌ ଆସିପାରୁ ନଥିଲି, ସେଦିନ ନମାଜ୍ ଜମା (ଏକତ୍ରିତ) ହେଉ ନଥିଲା ଏବଂ ହଦିସ୍‌ର ଶବ୍ଦରୁ ହିଁ ଏହା ଜ୍ଞାତ ହେଉଛି ଯେ, ହ. ରସୁଲ୍ କରୀମ୍ ସ.ଅ ଅତ୍ୟନ୍ତ ପ୍ରେମମପୂର୍ଣ୍ଣ ଓ ସୁନ୍ଦର ପନ୍ଥା ମାଧ୍ୟମରେ ଏହା କହୁଛନ୍ତି ଯେ, ସେହି ପ୍ରତିଶୃତ ମସିହ୍ ସକାଶେ ନମାଜ୍ ଏପରି ଜମା କରାଯିବ ।

ତେଣୁ ଆମମାନଙ୍କ ପକ୍ଷେ ଏହା ଏହା ଉଚିତ୍ ହେବ କି ଆମେମାନେ ରସୁଲ୍ କରୀମ୍ ସ.ଅଙ୍କ ଯେଉଁ ଭବିଷ୍ୟବାଣୀ ରହିଛି ସେଥି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଆପଣମାନେ ସେହି ଭବିଷ୍ୟବାଣୀ ପ୍ରତି ଭୃକ୍ଷେପହୀନ (ଅବଚେତନ) ହୁଅନ୍ତୁ ନାହିଁ, ଅନ୍ୟଥା ଏକ ମହାପାପ ଲାଗିବ ଯେ, ଆମେମାନେ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀକୁ ଲଜ୍ଜା ଓ ଗ୍ଳାନୀ ଦୃଷ୍ଟିରେ ଦେଖିବୁ । ଅଲ୍ଲାଃତାଲା ଏପରି ସାଧାନ ସୃଷ୍ଟି କରିଦେଲେ ଯେ, ଏତେ ସମୟ ଧରି ନମାଜ୍ ଜମା (ଏକତ୍ରିତ) ହେଉଅଛି । ଅନ୍ୟଥା ଦିନେ ଦୁଇ ଦିନ ପାଇଁ ଉକ୍ତ କଥା ହୋଇଥାଆନ୍ତା ତେବେ କୌଣସି ନିଦର୍ଶନ ହୁଅନ୍ତା ନାହିଁ । ମୁଁ ହ. ରସୁଲ୍ କରୀମ୍ ସ.ଅଙ୍କ ମୁଖ ନିଃସୃତ ପ୍ରତ୍ୟେକ ଶବ୍ଦକୁ ଅକ୍ଷରେ ଅକ୍ଷରେ ସମ୍ମାନ ପ୍ରଦର୍ଶନ କରେ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-91, 92, ସଂସ୍କରଣ ବର୍ଷ-2018 ମସିହା)**

☆--☆--☆

ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ମଦିନାରେ ଏପରି ଅନ୍‌ସାରମାନେ ପ୍ରଦାନ କଲେ ଯେଉଁମାନେ ନିଜର ବିଶ୍ୱାସିକ ଶକ୍ତିର ଏପରି ଭବ୍ୟ ପ୍ରଦର୍ଶନ କଲେ ଯାହାକୁ ଦେଖି ମନୁଷ୍ୟର ହୃଦୟ ସ୍ୱାଦ ଓ ଆନନ୍ଦ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥାଏ । ସେମାନେ ଯେଉଁଭଳି ଭାବରେ ଛେଳୀ ମେଣ୍ଢାମାନଙ୍କ ପରି ନିଜର ମୁଣ୍ଡ(ପ୍ରାଣ)କୁ ଇସ୍‌ଲାମ ଧର୍ମର ମାର୍ଗରେ ସ୍କନ୍ଧଚ୍ୟୁତ କରାଇଲେ ତାହାର ଦୃଷ୍ଟାନ୍ତ ଓ ଚିହ୍ନ ବର୍ଣ୍ଣ କେବଳ ଇତିହାସର ପୃଷ୍ଠାରେ ଦେଖିବା ମିଳୁ ନାହିଁ ବରଂ ହୃଦୟର ଅତଳ ଗହ୍ୱରରେ ମଧ୍ୟ ଏହିପରି ଅଙ୍କିତ ହୋଇ ରହିଛି ଯେ, ଆଗାମୀ ବଂଶଧରମାନେ ସେହି ସାହାବାମାନଙ୍କର ଭବ୍ୟ ବଳିଦାନକୁ ମଧ୍ୟ ବିସ୍ମୃତ ( ଭୁଲାଇ/ପାଶୋରି) କରି ଦେଇପାରିବେ ନାହିଁ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ **(ଅବଶିଷ୍ଟାଂଶ.....ପୃ-2ରେ)**

## ପୃ-1ରେ ବର୍ଣ୍ଣିତ ତଫସିର୍‌ର ଅବଶିଷ୍ଟାଂଶ....

ସଂଖ୍ୟା 31 إِنَّ فِي ذَٰلِكَ لَآيَاتٍ وَإِنْ كُنَّا لَمُبْتَلِينَ ର ବ୍ୟାଖ୍ୟା କରି କୁହନ୍ତି: "ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ମଦିନାରେ ଏପରି ଅନ୍‌ସାର୍‌ମାନେ ପ୍ରଦାନ କଲେ, ଯେଉଁମାନେ ନିଜର ବିଶ୍ୱାସିକ ଶକ୍ତିର ଏପରି ଭବ୍ୟ ପ୍ରଦର୍ଶନ କଲେ ଯାହାକୁ ଦେଖି ମନୁଷ୍ୟର ହୃଦୟ ସ୍ୱାଦ ଓ ଆନନ୍ଦ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥାଏ। ମଦିନା ଆସିବା ପରେ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କୁ ଏହି ସୂଚନା ମିଳିଲା ଯେ, ସିରୀୟା ପଟୁ ଅବିଶ୍ୱାସକାରୀମାନଙ୍କର ଏକ ବାଣିଜ୍ୟିକ ପ୍ରତିନିଧି ସମୂହ ବା ଦଳ ଅବୁ ସୁଫିୟାନ୍‌ର ନେତୃତ୍ୱରେ ଆସୁଅଛି ଏବଂ ମାର୍ଗରେ ଅବୁ ସୁଫିୟାନ୍ ମୁସଲମାନମାନଙ୍କ ବିରୁଦ୍ଧ ଆରବର ସମସ୍ତ ସଂପ୍ରଦାୟମାନଙ୍କ ଉସ୍‌କାଉଛି, ସେତେବେଳେ ଆପଣ ସ.ଅ ଏହା ଉଚିତ୍ ବୋଲି ମନେକଲେ ଯେ, ତା'ର (ଅବୁ ସୁଫିୟାନ୍‌ର) ଉପଦ୍ରବକୁ ପ୍ରତିହତ କରାଯାଉ । ତେଣୁ ଆପଣ ସ.ଅ ସାହାବାମାନଙ୍କର ଏକ ଦଳକୁ ନିଜ ସାଙ୍ଗରେ ଧରି ମଦିନାରୁ ବାହାରି ପଡ଼ିଲେ । ଯେହେତୁ ସେହି ଦଳଟି ଏକ କ୍ଷୁଦ୍ର ଦଳ ଥିଲା ତେଣୁ ମୁସଲମାନମାନେ ସେହି ଦଳକୁ ବେଶୀ ଗୁରୁତ୍ୱ ଦେଲେ ନାହିଁ ଏବଂ ସେମାନେ ଏହା ଭାବିଲେ ଯେ, କିଛି ଲୋକ ବି ଯଦି ଚାଲି ଯାଆନ୍ତି ତେବେ ସେହି ପ୍ରତିନିଧି ସମୂହର ସହିତ ଅତି ସହଜରେ ମୁକାବିଲା କରାଯାଇ ପାରିବ । କିନ୍ତୁ ଅଲ୍ଲାଃତାଲାଙ୍କ ପକ୍ଷରୁ ରସୁଲ୍ କରୀମ୍ ସ.ଅଙ୍କ ଏହି ସୂଚନା ପ୍ରଦାନ କରାଗଲା ଯେ, ପ୍ରକୃତ ମୁକାବିଲା ସେହି ବାଣିଜ୍ୟିକ ଯାତ୍ରୀସମୂହ ସହିତ ନୁହେଁ ବରଂ ପ୍ରକୃତ ମୁକାବିଲା ଅବିଶ୍ୱାସକାରୀମାନଙ୍କର ଏକ ବିଶାଳ ସୈନ୍ୟବାହିନୀ ସହିତ ନିୟତ ରହିଛି । ସେହି ବିଶାଳ ସୈନ୍ୟବାହିନୀ ଉକ୍ତ ପ୍ରତିନିଧି ସମୂହକୁ ସାହାଯ୍ୟ କରିବା ନିମନ୍ତେ ମକ୍କାରୁ ଧାଇଁ ଆସୁଛି । କିନ୍ତୁ ତତ୍‌ସହିତ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସେହି ରହସ୍ୟ ପ୍ରଘଟ ନକରିବା ନିମନ୍ତେ ମଧ୍ୟ ବାରଣ କରିଦେଲେ । କାରଣ ଅଲ୍ଲାଃତାଲା ଚାହୁଁଥିଲେ ଯେ, ସେ ସାହାବାମାନଙ୍କୁ ପରୀକ୍ଷା କରି ଦେଖିବେ ଏବଂ ସେମାନଙ୍କର ସର୍ବୋଚ୍ଚ ସ୍ତରୀୟ ବିଶ୍ୱାସ ଏବଂ ସେମାନଙ୍କ ବଳିଦାନର ଅଲିଭା ପଦାଙ୍କ ଚିହ୍ନକୁ ଭୂପୃଷ୍ଠରେ ଅଙ୍କିତ କରିଦେବେ ତଥା ସେମାନଙ୍କର ନିଷ୍ଠା ଲୋକମାନଙ୍କ ନିମନ୍ତେ ଏକ ଜୀବନ୍ତ ଉଦାହରଣ ସ୍ୱରୂପ କାମ ଦେବ ଯାହା ପରବର୍ତ୍ତୀ ପିଢ଼ୀଙ୍କ ମୃତ ଶିରା ପ୍ରଶିରା ମଧ୍ୟରେ ଜୀବନର ରକ୍ତକୁ ପ୍ରବାହିତ କରି ଦିଆଯାଉ । ଯେତେବେଳେ ଆପଣ ସ.ଅ ମଦିନା ଠାରୁ ଅନତି ଦୂରରେ ପହଞ୍ଚିଗଲେ ସେତେବେଳେ ଆପଣ ସ.ଅ ସାହାବାମାନଙ୍କୁ ଏକତ୍ରିତ କଲେ ଏବଂ ସେମାନଙ୍କୁ କହିଲେ, ହେ ସାହାବାମାନେ ! ଅଲ୍ଲାଃତାଲାଙ୍କର ଏହି ଉଦ୍ଦେଶ୍ୟ ରହିଛି ଯେ, ତୁମମାନଙ୍କର ମୁକାବିଲା ଅବିଶ୍ୱାସକାରୀମାନଙ୍କର ଏକ ବିଶାଳ ସୈନ୍ୟବାହିନୀ ସହିତ ହେଉ । ବର୍ତ୍ତମାନ କୁହ ଯେ, ତୁମମାନଙ୍କର କ'ଣ ମତାମତ ରହିଛି ? ପ୍ରବାସକାରୀମାନଙ୍କ ମଧ୍ୟରୁ ଜଣେ ସାହାବି ଉଠିଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ମତାମତ କ'ଣ ବା ପଚାରୁଛନ୍ତି, ଆପଣ ଆଗକୁ ଅଗ୍ରସର ହୁଅନ୍ତୁ ଏବଂ ଶତ୍ରୁ ପକ୍ଷ ସହିତ ମୁକାବିଲା କରନ୍ତୁ । ଆମେମାନେ ଆପଣ ସ.ଅଙ୍କ ସହିତ ଅଛୁ । ଆମେମାନେ ନିଜର ପ୍ରାଣ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ଅଛୁ । କିନ୍ତୁ ଯେତେବେଳେ ବି କୌଣସି ପ୍ରବାସକାରୀ ବସି ପଡୁଥିଲା, ସେତେବେଳେ ଆପଣ ସ.ଅ କହୁଥିଲେ, ହେ ଲୋକମାନେ ଅର୍ଥାତ୍ ହେ ସାହାବାମେନ ! ତୁମେମାନେ ମୋତେ ପରାମର୍ଶ ଦିଅ! ଅନ୍‌ସାର୍ ଜାତି ଏକ ବୁଦ୍ଧି, ବିବେକ ଏବଂ ବିଚାର ସମ୍ପନ୍ନ ଓ ବଳିଦାନକାରୀ ଜାତି ଥିଲା ତା'ର ସଦସ୍ୟମାନେ ମଧ୍ୟ ନୀରବ ଥିଲେ । କାରଣ ମଦିନାବାସୀମାନେ ଏହା ମନେ କରୁଥିଲେ ଯେ, ଆମେମାନେ ଯଦି ଏହା କହିଲୁ କି ଆମେମାନେ ଲଢ଼ିବା ନିମନ୍ତେ ପ୍ରସ୍ତୁତ ଅଛୁ ତେବେ ମକ୍କାର ଅବିଶ୍ୱାସକାରୀମାନେ ପ୍ରବାସକାରୀମାନଙ୍କର ସଂପର୍କୀୟ ଅଟନ୍ତି । ତେଣୁ ସେମାନଙ୍କ ମଧ୍ୟରୁ କେହି ପ୍ରବାସକାରୀମାନଙ୍କର ପିତା, କେହି ଭ୍ରାତା (ଭାଇ), କେହି ପୁତ୍ର, କେହି ମାମୁଁ, କେହି ଚଚା ଅଛି, ସେଇଥି ପାଇଁ ଆମମାନଙ୍କର (ମଦିନାବାସୀମାନଙ୍କର) ଆକ୍ରମଣ ସେମାନଙ୍କ ଅର୍ଥାତ୍ ପ୍ରବାସକାରୀମାନଙ୍କର ସଂପର୍କୀୟ ଅର୍ଥାତ୍ ମକ୍କାବାସୀଙ୍କ ପକ୍ଷେ ଅସହ୍ୟ ହେବ । ସେମାନେ ଅର୍ଥାତ୍ ପ୍ରବାସକାରୀମାନେ ଏହା ମନେ କରିବେ ଯେ, ମଦିନାବାସୀଙ୍କୁ ପ୍ରବାସକାରୀମାନଙ୍କର ସଂପର୍କୀୟ ଅର୍ଥାତ୍ ମକ୍କାବାସୀଙ୍କୁ ମାରିବାକୁ ଭାରି ମଜା ଲାଗୁଛି । କିନ୍ତୁ ଯେତେବେଳେ ରସୁଲ୍ କରୀମ୍ ସ.ଅ ବାରମ୍ବାର ଏହା କହିଲେ ଯେ, ହେ ଲୋକମାନେ ! ତୁମେମାନେ ମୋତେ ପରାମର୍ଶ ଦିଅ । ତେବେ ଜନୈକ ଅନସାରୀ ବ୍ୟକ୍ତି ଛିଡ଼ା ହେଲେ ଏବଂ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କୁ ତ' ପରାମର୍ଶ ଦିଆଯାଉଛି । କିନ୍ତୁ ଆପଣ ସ.ଅ ବାରମ୍ବାର ଯେଉଁ ପରାମର୍ଶ ଦିଅ, ପରାମର୍ଶ ଦିଅ ବୋଲି କହୁଛନ୍ତି, ତେବେ ସମ୍ଭବତଃ ତହିଁରୁ ଯଥାର୍ଥ ଆମେ ଅନ୍‌ସାର୍‌ମାନେ ଅଟୁ । କାରଣ ଏଥି ସଂକ୍ରାନ୍ତରେ ଆମମାନଙ୍କର କ'ଣ ମତାମତ ରହିଛି ? ରସୁଲ୍ କରୀମ୍ ସ.ଅ କହିଲେ, ଠିକ୍ ଅଛି । ମଦିନାବାସୀମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଯେତେବେଳେ ମକ୍କା ଯାଇଥିଲୁ ଏବଂ ଆମମାନଙ୍କୁ ଆପଣ ସ.ଅଙ୍କ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା ତେବେ ସେତେବେଳେ ଆମେମାନେ ଆପଣ ସ.ଅଙ୍କ ଠାରୁ ନିବେଦନ କରିଥିଲୁ **(ଅବଶିଷ୍ଟାଂଶ...ପୃ-09ରେ)**

### ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ଼ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ** । **(ସମ୍ପାଦକ)**

### 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

(ଖୁତ୍‌ବା ଜୁମା)

ଆଁହଜରତ ସ.ଅ ଏକ ସୈନ୍ୟବାହିନୀକୁ ପ୍ରେରଣ କରି ସେହି ସୈନ୍ୟବାହିନୀକୁ ଉପଦେଶ ଦେଇ କହିଲେ, ହେ ସୈନ୍ୟବାହିନୀମାନେ ! ତୁମେମାନେ ସମସ୍ତଙ୍କୁ ସଲାମ୍ କରିବ ଓ ସର୍ବତ୍ର ସଲାମ୍‌ର ପ୍ରଚାର ପ୍ରସାର କରିବ । ଅର୍ଥାତ୍ ସଲାମ୍‌ର ପ୍ରଥାକୁ ସର୍ବସାଧାରଣ କରିଦେବ ।
ଲୋକମାନଙ୍କୁ ଆହାର ଖୁଆଇବ । ସେମାନଙ୍କୁ ଭୋକିଲା ମାରିବ ନାହିଁ ତଥା ଅନାହାରରେ ମୃତ୍ୟୁବରଣ କରିବାକୁ ଦେବ ନାହିଁ । ଅଲ୍ଲାଃତାଲାଙ୍କ ଠାରୁ ଏପରି ଲଜ୍ଜା ଅନୁଭୂତ କରିବ ଯେପରିକି ଜଣେ ଶିଷ୍ଟ ବ୍ୟକ୍ତି ନିଜ ଘର ଲୋକଙ୍କୁ ଦେଖି ଲାଜ ଅନୁଭବ କରିଥାଏ ।
ତୁମମାନଙ୍କ ଦ୍ୱାରା ଯେତେବେଳେ କୌଣସି ପାପ କାର୍ଯ୍ୟ ସମ୍ପାଦିତ ହୋଇଯାଏ ସେତେବେଳେ ତୁମେମାନେ ତୁରନ୍ତ ପୁଣ୍ୟ କର୍ମ ସମ୍ପାଦନ କରିନିଅ । କାରଣ ପୁଣ୍ୟ କର୍ମ ପାପ କର୍ମକୁ ସମାପ୍ତ କରି ଦେଇଥାଏ ।

— — — — — — — — — — — — — — — — — — — — — —

ହୁନୈନ୍ ଯୁଦ୍ଧରେ ମଧ୍ୟ ଅଲ୍ଲାଃତାଲାଙ୍କ ତରଫରୁ ଏପରି ଏକ ସୈନ୍ୟବାହିନୀ ଅବତୀର୍ଣ୍ଣ ହେବାର ଚର୍ଚ୍ଚା ମିଳେ ଯେ, ସେହି ସୈନ୍ୟବାହିନୀକୁ ଦେବତଦୂତମାନଙ୍କ ସହିତ ତୁଳନା କରାଯାଇଛି ।

— — — — — — — — — — — — — — — — — — — — — —

"ତୁମେମାନେ ଉକ୍ତ କଥାକୁ ଭଲ ଭାବରେ ମନେରଖ ଯେ, ଯେଉଁ ବ୍ୟକ୍ତି ମରିବା ନିମନ୍ତେ ପ୍ରସ୍ତୁତ ହୋଇଯାଏ ସେହି ବ୍ୟକ୍ତିକୁ କେହି ବି ମାରି ପାରିବ ନାହିଁ। ଅବତାରମାନଙ୍କର ଗୋଷ୍ଠୀ ହେଉଛି ପ୍ରକୃତ ଗୋଷ୍ଠୀ ଯେକି ମୃତ୍ୟୁ ସ୍ୱୀକାରୀକାରୀ ସଂପ୍ରଦାୟ ଅଟେ । କ'ଣ ଏପରି କେହି ସଂପ୍ରଦାୟ ରହିଛି ଯିଏ ସେହି ଅବତାରଙ୍କ ଗୋଷ୍ଠୀକୁ ମାରି ପାରିବ ? କଦାପି ନୁହଁ । ସାର୍ବକାଳୀ ଜୀବନ ପ୍ରାପ୍ତ କରିବାର ପ୍ରକୃତ ସାରମର୍ମ ଏହା ହିଁ ଯେ, ମନୁଷ୍ୟ ଈଶ୍ୱରଙ୍କ ସକାଶେ ମୃତ୍ୟୁକୁ ସ୍ୱୀକାର କରୁ । ଅତଏବ୍ ଯେତେବେଳେ କୌଣସି ମନୁଷ୍ୟ ବା ବ୍ୟକ୍ତି ଉକ୍ତ ସଂକଳ୍ପ ନେଇ ଛିଡ଼ା ହୁଏ ସେତେବେଳେ ଅଲ୍ଲାଃତାଲାଙ୍କ ଦେବଦୂତମାନେ ସେହି ବ୍ୟକ୍ତିକୁ ଜୀବିତ ରଖିବା ନିମନ୍ତେ ଛିଡ଼ା ହୋଇ ଯାଆନ୍ତି । ଅର୍ଥାତ୍ କୁସ୍ତି (ମଲ୍ଲଯୁଦ୍ଧ) ଆରମ୍ଭ ହୋଇ ଯାଇଥାଏ । ମନୁଷ୍ୟ ବଳ ପ୍ରୟୋଗ କରିଥାଏ ଯେ, ଈଶ୍ୱଙ୍କ ମାର୍ଗରେ ମୃତ୍ୟୁ ପ୍ରାପ୍ତ ହେଉ । କିନ୍ତୁ ଦେବଦୂତମାନେ ବଳ ପ୍ରୟୋଗ କରନ୍ତି ଯେ, ସେହି ବ୍ୟକ୍ତିକୁ ଜୀବିତ ରଖାଯାଉ ।"
(ହ. ମୁସ୍‌ଲେହ୍ ମଉଦ୍)

— — — — — — — — — — — — — — — — — — — — — —

ସନ୍ 8 ହିଜ୍ରୀରେ ସଂଘଟିତ ଓ ସମ୍ମୁଖୀନ ହୋଇଥିବା ଯୁଦ୍ଧର ପୃଷ୍ଠଭୂମିର ପ୍ରକାଶରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

— — — — — — — — — — — — — — — — — — — — — —

ଶ୍ରୀଯୁକ୍ତ ସ୍ୱର୍ଗତ ସୟେଦ୍ ଶାହାବ୍ ଅହମଦ ସାହେବ ଅଫ୍ କାନାଡ଼ା ଏବଂ ଶ୍ରୀଯୁକ୍ତ ମୁବାରକ୍ ଖୋଖର୍ ସାହେବ ଅଫ୍ ଲାହୋର୍‌ଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଓ ଯନାଜାଃ ଗାଏବ୍ ।

— — — — — — — — — — — — — — — — — — — — — —

**12 September 2025 ମସିହା ଅନୁଯାୟୀ ୧ ୨ ତବୁକ୍ ୧ ୪ ୦ ୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ।**
ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُولُهٗ۔
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ମୁଁ ହୁନୈନ୍ ଯୁଦ୍ଧ ବିଷୟରେ ଚର୍ଚ୍ଚା କରିଥିଲି । ସେହି କ୍ରମରେ ଏହାର ଅତିରିକ୍ତ ଚର୍ଚ୍ଚା ଏହିପରି ଯେ, ହୁନୈନ୍ ଯୁଦ୍ଧରେ ମଧ୍ୟ ଅଲ୍ଲାଃତାଲାଙ୍କ ତରଫରୁ ଏପରି ଏକ ସୈନ୍ୟବାହିନୀ ଅବତୀର୍ଣ୍ଣ ହେବାର ଚର୍ଚ୍ଚା ମିଳେ ଯେ, ସେହି ସୈନ୍ୟବାହିନୀକୁ ଦେବତଦୂତମାନଙ୍କ ସହିତ ତୁଳନା କରାଯାଇଛି ।

ସୁତରାଂ ହୁନୈନ୍ ଯୁଦ୍ଧର ଚର୍ଚ୍ଚା କରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, أَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ ثُمَّ اَنْزَلَ اللّٰهُ سَكِيْنَتَهٗ عَلٰى رَسُوْلِهٖ وَعَلَى الْمُؤْمِنِيْنَ وَاَنْزَلَ جُنُوْدًا لَّمْ تَرَوْهَا وَعَذَّبَ الَّذِيْنَ كَفَرُوْا وَذٰلِكَ جَزَآءُ الْكٰفِرِيْنَ
(ଅତ୍ ତୌବା: 26)

**ଅନୁବାଦ:** ଏହାପରେ ଅଲ୍ଲାଃତାଲା ନିଜ ରସୁଲଙ୍କ ପ୍ରତି ତଥା ବିଶ୍ୱାସକାରୀମାନଙ୍କ ପ୍ରତି ପ୍ରଶାନ୍ତି ଅବତୀର୍ଣ୍ଣ କରିଥିଲେ ଏବଂ ଏପରି ସୈନ୍ୟବାହିନୀ ପ୍ରେରଣ କରିଥିଲେ ଯେଉଁମାନଙ୍କୁ ତୁମେମାନେ ଦେଖି ପାରି ନଥିଲ ଏବଂ ସେ ଅବିଶ୍ୱାସକାରୀମାନଙ୍କୁ ଶାସ୍ତି ପ୍ରଦାନ କରିଥିଲେ ଏବଂ ଏହା ହିଁ ଅବିଶ୍ୱାସାକୀରମାନଙ୍କ ପାଇଁ ଉଚିତ୍ ପ୍ରତିଫଳ ଅଟେ ।

ବ୍ୟାଖ୍ୟାକାର ଓ ଜୀବନୀକାର (ଜୀବନୀ ଲେଖାଳୀ)ମାନେ ଉକ୍ତ ଯୁଦ୍ଧରେ ଦେବଦୂତମାନଙ୍କର ଅବତୀର୍ଣ୍ଣ ପ୍ରସଙ୍ଗରେ ନାନା ଯୁକ୍ତିତର୍କ କରିଛନ୍ତି । କେତେକ ଲୋକମାନଙ୍କର ଏହି ମତ ରହିଛି ଯେ, ଦେବଦୂତମାନଙ୍କର ଅବୀତର୍ଣ୍ଣ କେବଳ ବିଶ୍ୱାସକାରୀମାନଙ୍କ ନିମନ୍ତେ ଶୁଭ ସୂଚନା ଏବଂ ହୃଦୟର ପ୍ରଶାନ୍ତି ନିମନ୍ତେ ଉଦ୍ଦିଷ୍ଟ ଥିଲା । ଅନ୍ୟଥା ଦେବଦୂତମାନେ ଯୁଦ୍ଧରେ ବ୍ୟବହାରିକ ରୂପେ ସାମିଲ୍ ହୋଇ ନଥିଲେ । ଉକ୍ତ ଧାରଣାଗୁଡ଼ିକ ମଧ୍ୟ କେତେକ ସଠିକ୍ ଆହଦିସ୍‌ର ବିପରୀତ ଅଟନ୍ତି । ସଠିକ୍ ବର୍ଣ୍ଣନାରୁ ଏହା ପ୍ରମାଣିତ ହୁଏ ଯେ, ଦେବଦୂତମାନ ଯୁଦ୍ଧରେ ବ୍ୟବହାରିକ ରୂପେ ଓ ସାକ୍ଷାତ୍ ସାମିଲ୍ ହୋଇଥିଲେ । କିନ୍ତୁ ଏଠାରେ ଏହି ସନ୍ଦେହ ସୃଷ୍ଟି ହୁଏ ଯେ, ସାହାଯ୍ୟ ନିମନ୍ତେ ତ' ଗୋଟିଏ ଈଶ୍ୱରଦୂତ ହିଁ ଯଥେଷ୍ଟ ଥିଲା । ତେବେ ସହସ୍ର ଈଶ୍ୱରଦୂତମାନେ କାହିଁକି ଅବତୀର୍ଣ୍ଣ ହେଲେ ? ଇମାମ୍ ଇବ୍‌ନେ କସିର୍ ଯୁଦ୍ଧରେ ଦେବଦୂତମାନଙ୍କର ଅବତୀର୍ଣ୍ଣର ସଠିକ୍ ହଦିସ୍‌ରେ ଉପସ୍ଥିତ ଥିବା ହଦିସ୍‌ଗୁଡ଼ିକୁ ଦେଖି ଲେଖିବା ପରେ ଉଲ୍ଲେଖ କରନ୍ତି ଯେ, ଅଲ୍ଲାଃତାଲାଙ୍କ ପକ୍ଷରୁ ଦେବଦୂତମାନଙ୍କର ଅବତୀର୍ଣ୍ଣ ଏବଂ ମୁସଲମାନମାନଙ୍କୁ ଏହାର ସୂଚନା ଶୁଭ ସୂଚନା ରୂପେ ଥିଲା । ଅନ୍ୟଥା ଅଲ୍ଲାଃତାଲା ଏହା ବ୍ୟତୀତ ମଧ୍ୟ ନିଜର ଶତ୍ରୁମାନଙ୍କ ବିପକ୍ଷରେ ମୁସଲମାନମାନଙ୍କ ସାହାଯ୍ୟ କରି ପାରି ଥାଆନ୍ତେ । ସେଇଥି ପାଇଁ ଅଲ୍ଲାଃତାଲା କହିଲେ, ଉକ୍ତ ସାହାଯ୍ୟ ଅଲ୍ଲାଃତାଲାଙ୍କ ତରଫରୁ ହିଁ ଅଟେ ଓ ସୁରାଃ ମୁହମ୍ମଦରେ ଅଲ୍ଲାଃତାଲା ଏହା କହିଲେ, ଅଲ୍ଲାଃତାଲା ଯଦି ଚାହାନ୍ତି ତେବେ ସେ ସ୍ୱୟଂ ହିଁ ସେହି ଅବିଶ୍ୱାସକାରୀମାନଙ୍କ ଠାରୁ ପ୍ରତିଶୋଧ ନେଇ ନିଅନ୍ତେ । କିନ୍ତୁ ସେ ସ୍ୱୟଂ ପରୀକ୍ଷା କରି ଥାଆନ୍ତି । **(ଅଲ୍ ଫଜଲ୍ ଇଣ୍ଟରନ୍ୟାସନଲ୍, ତା-24-29 ଜୁଲାଇ, 2023 ମସିହା, ପୃ-8-9, ଖୁତ୍‌ବା ଜୁମା, 7 ଜୁଲାଇ 2023 ମସିହା)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଉକ୍ତ କଥା ବର୍ଣ୍ଣନା କରିଛନ୍ତି ଯେ, ଆପଣ ଅ.ସ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍‌ରେ ଦେବଦୂତମାନମାନଙ୍କ ସାହାଯ୍ୟର ଶୁଭ ସୂଚନାର ଘଟଣାର ଉଲ୍ଲେଖ ରହିଛି ଯେ, ପାଞ୍ଚ ହଜାର ଦେବଦୂତମାନେ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଆସିବେ । ଉକ୍ତ ପ୍ରତିଶୃତିକୁ ଅଧିକ କରି ଏଇଥି ପାଇଁ ଦେଖାଇଲେ ଯେ, ସେମାନଙ୍କ ନିମନ୍ତେ ଶୁଭ ସୂଚନା ସାବ୍ୟସ୍ତ ହେଉ । କିନ୍ତୁ ଦେବଦୂତମାନଙ୍କ ମଧ୍ୟରୁ ଜଣେ ଦେବଦୂତ ହିଁ ସକ୍ଷମ ଓ ସମର୍ଥ ଯେ, ସେ ନିଜ ପାଳନକର୍ତ୍ତାଙ୍କ ଆଦେଶମତେ ଭୂମିକୁ ଉପରତଳ କରିଦେବ । ତା' ପାଇଁ ପାଞ୍ଚ ହଜାରେ ନୁହେଁ ବରଂ ପାଞ୍ଚଜଣ ଦେବଦୂତର ମଧ୍ୟ ଆବଶ୍ୟକତା ନାହିଁ । କିନ୍ତୁ ଅଲ୍ଲାଃତାଲା ଏହା ଚାହିଁଲେ ଯେ, ସେ ସେମାନଙ୍କୁ ମହାନ୍ ସାହାଯ୍ୟ ପ୍ରଦର୍ଶନ କରାଇବେ । ତେଣୁ ଅଲ୍ଲାଃତାଲା ଏପରି ଶବ୍ଦ ଚୟନ କଲେ ଯହିଁରୁ ସାହାଯ୍ୟକାରୀର ସଂଖ୍ୟାଧିକତା ପ୍ରକାଶିତ ହୋଇଥାଏ ଓ ହେଉଥିବ । ଅତଏବ୍ ତହିଁରୁ ଏହା ହିଁ ଯାଥାର୍ଥ ନେଇଥିଲେ ।
**(ଅତ୍ ତବଲିଗର ଉର୍ଦ୍ଦୁ ଅନୁବାଦ, ରୁହାନୀ ଖଜାଏନ୍, ଭାଗ-5, ପୃ-448 )**

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ତଫସିର୍ ସଗିର୍‌ରେ ଏଥି ସଂକ୍ରାନ୍ତରେ ସଂକ୍ଷିପ୍ତ ନୋଟ୍ ମଧ୍ୟ ପ୍ରଦାନ କରିଛନ୍ତି । ସୁରାଃ ଆଲେ ଇମ୍ରାନ୍‌ର ଆୟତ୍ 127ର ପାଦଟୀକାରେ ଉଲ୍ଲେଖ କରିଛନ୍ତି ଯେ, "ଦେବଦୂତମାନଙ୍କର ଚର୍ଚ୍ଚା କେବଳ ଏଇଥିପାଇଁ କରିଛନ୍ତି ଯେ, ସ୍ୱପ୍ନ କିମ୍ବା ତନ୍ଦ୍ରାବସ୍ଥାମୂଳକ ପ୍ରକଟନ ଅବସ୍ଥାରେ ଶୁଭ ସୂଚନା ମିଳିବା ଦ୍ୱାରା ମନୁଷ୍ୟର ସାହସ ବୃଦ୍ଧ ପାଇଥାଏ । ଅନ୍ୟଥା ତହିଁରୁ ଯଥାର୍ଥ ଏହା ହିଁ ଥିଲା ଯେ, ଈଶ୍ୱର ସାହାଯ୍ୟ କରିବେ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ଏହା ସ୍ୱପ୍ନ ରୂପେ ପ୍ରକାଶିତ

ହୋଇଥିଲା । **(ତଫ୍‌ସିର୍ ସଗିର୍, ସୁରାଃ ଆଲେ ଇମ୍ରାନ୍, ଆୟତ୍-127)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି: "ତୁମେମାନେ ଉକ୍ତ କଥାକୁ ଭଲ ଭାବରେ ମନେରଖ ଯେ, ଯେଉଁ ବ୍ୟକ୍ତି ମରିବା ନିମନ୍ତେ ପ୍ରସ୍ତୁତ ହୋଇଯାଏ ସେହି ବ୍ୟକ୍ତିକୁ କେହି ବି ମାରି ପାରିବ ନାହିଁ। ଅବତାରମାନଙ୍କର ଗୋଷ୍ଠୀ ହେଉଛି ପ୍ରକୃତ ଗୋଷ୍ଠୀ ଯେକି ମୃତ୍ୟୁ ସ୍ୱୀକାରୀକାରୀ ଗୋଷ୍ଠୀ ଅଟେ । କ'ଣ ଏପରି କେହି ସଂପ୍ରଦାୟ ଅଛି ଯିଏ ସେହି ଅବତାରଙ୍କ ଗୋଷ୍ଠୀକୁ ମାରିପାରିବ (ସମାପ୍ତ କରିପାରିବ) ? କଦାପି ନୁହଁ । ସାର୍ବକାଳୀନ ଜୀବନ ପ୍ରାପ୍ତ କରିବାର ପ୍ରକୃତ ସାରମର୍ମ ଏହା ହିଁ ଯେ, ମନୁଷ୍ୟ ଈଶ୍ୱରଙ୍କ ସକାଶେ ମୃତ୍ୟୁକୁ ସ୍ୱୀକାର କରିନେଉ । ଅତଏବ୍ ଯେତେବେଳେ କୌଣସି ବ୍ୟକ୍ତି ଉକ୍ତ ସଂକଳ୍ପ ନେଇ ଛିଡ଼ା ହୁଏ ସେତେବେଳେ ଅଲ୍ଲାଃତାଲାଙ୍କ ଦେବଦୂତମାନେ ସେହି ବ୍ୟକ୍ତିକୁ ଜୀବିତ ରଖିବା ନିମନ୍ତେ ଛିଡ଼ା ହୋଇ ଯାଆନ୍ତି । ଅର୍ଥାତ୍ କୁସ୍ତି (ମଲ୍ଲଯୁଦ୍ଧ) ଆରମ୍ଭ ହୋଇ ଯାଇଥାଏ । ମନୁଷ୍ୟ ବଳ ପ୍ରୟୋଗ କରିଥାଏ ଯେ, ତାକୁ ଈଶ୍ୱଙ୍କ ମାର୍ଗରେ ମୃତ୍ୟୁ ପ୍ରାପ୍ତ ହେଉ । କିନ୍ତୁ ଦେବଦୂତମାନେ ବଳ ପ୍ରୟୋଗ କରନ୍ତି ଯେ, ସେହି ବ୍ୟକ୍ତିକୁ ଜୀବିତ ରଖାଯାଉ ।"

ଯେତେବେଳେ ଅଲ୍ଲାଃତାଲାଙ୍କ ଭକ୍ତ ଏହା କୁହେ ଯେ, ମୁଁ ଈଶ୍ୱରଙ୍କ ସକାଶେ ମରିବାକୁ ଚାହୁଁଛି ସେତେବେଳେ ଈଶ୍ୱରଙ୍କ ସମସ୍ତ ଦେବଦୂତମାନେ କୁହନ୍ତି ଯେ, ଆମେମାନେ ତୁମକୁ ମରିବାକୁ ଦେବୁ ନାହିଁ ଓ ପରିଶେଷରେ ଦେବଦୂତମାନେ ହିଁ ଜୟଯୁକ୍ତ ହୁଅନ୍ତି । ଭକ୍ତ ଚାହୁଁଛି ଯେ, ସେ ମରିଯାଉ । ସେହି ଭକ୍ତ ଏଇଥି ପାଇଁ ନିଜକୁ ଏପରି ପରିସ୍ଥିତିରେ ପକାଇ ଦେଇଥାଏ । ଏହାର ପରିଣାମ ମୃତ୍ୟୁ ହିଁ ହୋଇଥାଏ। କିନ୍ତୁ ସେ ମୃତ୍ୟୁବରଣ କରି ନଥାଏ..........ହୁନୈନ୍ ଯୁଦ୍ଧକୁ ହିଁ ଦେଖିନିଅ! ଯେତେବେଳେ ଶତ୍ରୁପକ୍ଷ ଆକ୍ରଣ କରି ଆଗକୁ ଅଗ୍ରସର ହେଲା ସେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ପାଖେର କେବଳ 12 ଜଣ ବ୍ୟକ୍ତି ରହିଯାଇଥିଲେ । ଅନ୍ୟ ସମସ୍ତ ମୁସଲମାନ ସୈନ୍ୟବାହିନୀମାନେ ଶତ୍ରୁର ତୀର ବର୍ଷଣ ଯୋଗୁଁ କ୍ଷିପ୍ତ ବିକ୍ଷିପ୍ତ ହୋଇ ଯାଇଥିଲେ । ସେତେବେଳେ ହ. ଅବ୍ବାସ୍ ର.ଅ କହିଲେ, ହୁଜୁର ! ଆପଣ ସ.ଅ ଟିକେ ପଛକୁ ଘୁଞ୍ଚି ଯାଆନ୍ତୁ । କିନ୍ତୁ ଆପଣ ସ.ଅ ବାହନକୁ ଗୋଇଠି ଦ୍ୱାରା ଆଗକୁ ଯିବା ନିମନ୍ତେ ଯେତେବେଳେ ଇଙ୍ଗିତ କଲେ ସେତେବେଳେ ବାହନ ଆଗକୁ ଅଗ୍ରସର ହେଲା ଏବଂ ଆପଣ ସ.ଅ ଆଗକୁ ଅଗ୍ରସର ହୋଇ କହିଲେ, أَنَا النَّبِيُّ لَا كَذِبْ أَنَا ابْنُ عَبْدِ الْمُطَّلِبْ ଅର୍ଥାତ୍ ମୁଁ ପ୍ରତିଶ୍ରୁତ ଅବତାର ଅଟେ । ଏହି ପ୍ରତିଶ୍ରୁତ ଅବତାରର ସୁରକ୍ଷା ସାର୍ବକାଳୀନ ପ୍ରତିଶ୍ରୁତି ରହିଛି, ମୁଁ ମିଥ୍ୟାବାଦୀ ନୁହେଁ । ତେଣୁ ତୁମେମାନେ ତିନି ହଜାର ଧନୁର୍ଦ୍ଧର ହୁଅ କି ତିରିଶି ହଜାର ଧନୁର୍ଦ୍ଧର ହୁଅ, ମୁଁ ଏଥି ପ୍ରତି ଭ୍ରୂକ୍ଷେପ କରୁ ନାହିଁ । ଅର୍ଥାତ୍ ମୋର କିଛି ଯାଏ ଆସେ ନାହିଁ । ହେ ମୁସ୍‌ରିକ୍‌ମାନେ ! ତୁମେମାନେ ମୋର ଏହି ସାହସିକତାକୁ ଦେଖି ଏହା ବୁଝିନେବ ନାହିଁ ଯେ, ମୁଁ ଈଶ୍ୱର ଅଟେ । ନା ବରଂ ମୁଁ ଏକ ମନୁଷ୍ୟ ଅଟେ ଏବଂ ତୁମମାନଙ୍କର ଅଧିପତି ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ ପୁତ୍ରର ପୁତ୍ର (ପୌତ୍ର) ଅଟେ ।"

ଏହା ଏପରିକା ବାଣୀ ଥିଲା ଯାହା ମାନବତାକୁ ବିସ୍ମୃତ କରି ଈଶ୍ୱରଙ୍କ ସମ୍ମୁଖରେ ଆଣି ଛିଡ଼ା କରିଲାବାଲା ବାଣୀ ଥିଲା । ତିନି ଚାରି ହଜାର ଧନୁର୍ଦ୍ଧରମାନଙ୍କ ବିପକ୍ଷରେ ଜଣେ ବ୍ୟକ୍ତି ଏପରି କହୁଛି ଯେ, ମୁଁ ଏଠାରୁ ହଟି ପାରିବି ନାହିଁ, ତେବେ ଏହି ବ୍ୟକ୍ତି ଜଣକ ମନୁଷ୍ୟ ନୁହେଁ ବରଂ ଈଶ୍ୱର କହୁଥିଲେ । ରସୁଲ୍ କରୀମ୍ ସ.ଅ ସେତେବେଳେ ଏହା ମଧ୍ୟ କହିଥିଲେ ଯେ, أَنَا بَشَرٌ مِّثْلُكُمْ । ଅର୍ଥାତ୍ ମୁଁ ଜଣେ ମନୁଷ୍ୟ ଅଟେ । ଅତଏବ୍ ଯେତେବେଳେ ରସୁଲ୍ କରୀମ୍ ସ.ଅ କହିଲେ ଯେ, ମୁଁ ଈଶ୍ୱରଙ୍କ ମାର୍ଗରେ ମୃତ୍ୟୁବରଣ କରିବାକୁ ଚାହୁଁଛି ସେତେବେଳେ ଈଶ୍ୱରଙ୍କ ଦେବଦୂତମାନେ ଧରାପୃଷ୍ଠକୁ ଓହ୍ଲାଇ ଆସିଲେ ଏବଂ ହୁନୈନ୍ ଯୁଦ୍ଧର ପରାଜୟ ସହସା ଏକ ବିଜୟରେ ପରିଣତ ହୋଇଗଲା ଓ ଆପଣ ସ.ଅ ରଣଭୂମିରୁ ବିଜୟୀ ଭବ ହୋଇ ଫେରିଲେ।" **(ଖୁତାବାତେ ଶୁରା, ଭାଗ-1, ପୃ-612-613, ମଜ୍‌ଲିସେ ମୁଶାୱିରତ୍-1935, ନଜାରତ୍ ନଶ୍ରୋ ଇଶାଅତ୍, କାଦିୟାନ୍-2013 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶତ୍ରୁର ପରାଜୟ ଏବଂ ପଳାୟନ ସଂପର୍କରେ ଉପରୋକ୍ତ ବିବରଣୀ ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି ଯେ, ଆପଣ ସ.ଅ ଯେତେବେଳେ ଅନ୍‌ସାରମାନଙ୍କୁ ଡାକିଲେ ଏବଂ ଅନ୍‌ସାରମାନେ ଯେତେବେଳେ ଫେରି ଆସିଲେ, ଅନ୍‌ସାରମାନେ ଯେତେବେଳେ ଉତ୍ସାହର ତଥା ଆବେଗର ସହିତ ଲଢ଼ିବାକୁ ଲାଗିଲେ ସେତେବେଳେ ନବୀ କରୀମ୍ ସ.ଅ ଦୁଆ କରିବାକୁ ଲାଗିଲେ ଏବଂ ନିଜର ହାତରୁ ମୁଠାଏ ଗୋଡ଼ିବାଲି ଅବିଶ୍ୱାସକାରୀମାନଙ୍କ ଆଡ଼କୁ ଫିଙ୍ଗିଦେଲେ। ଏହାର ପରିଣାମ ଏହା ହେଲା ଯେ, ବନୁ ହୱାଜିନ୍ ସଂପ୍ରଦାୟରେ ଏହି ଦାବି ଥିଲା ଯେ, ଆଜି ପର୍ଯ୍ୟନ୍ତ ମୁହମ୍ମଦ୍ ସ.ଅ ବୀର ଯୋଦ୍ଧାମାନଙ୍କ ସହିତ ମୁହାଁମୁହିଁ ହୋଇ ନାହାନ୍ତି । ମୁହମ୍ମଦ୍ ସ.ଅଙ୍କର ଆମମାନଙ୍କ ସହିତ ଯଦି ମୁକାବିଲା ହେବ ତେବେ ଆମେ ତାଙ୍କୁ ଜଣାଇ ଦେବୁ ଯେ, ଯୁଦ୍ଧ କ'ଣ ? ବାସ୍ତବରେ ଉକ୍ତ ଯୁଦ୍ଧ ଆରବର ସବୁଠୁ ଶକ୍ତିଶାଳୀ ସଂପ୍ରଦାୟ ସହିତ ଥିଲା । ଏହା କେବଳ କଥା ନଥିଲା ବରଂ ସତ୍ୟ ଥିଲା ଯେ, ସେହି ସଂପ୍ରଦାୟ ଶକ୍ତିଶାଳୀ ସଂପ୍ରଦାୟ ଥିଲା । ସେହି ସଂପ୍ରଦାୟ କିଛି ସମୟ ମଧ୍ୟରେ ହିଁ ପରାଜିତ ହୋଇ ପଳାୟନ କରିବାକୁ ଲାଗିଲା । ନିଜର ସ୍ତ୍ରୀ ପିଲାଛୁଆ ଏବଂ ଧନ ଓ ପାଳିତ ଜୀବମାନଙ୍କ ସଂପର୍କରେ କାହାରି ସଂପର୍କରେ ସେମାନେ କିଛି ଜାଣିଲେ ନାହିଁ। ମୁସଲମାନମାନଙ୍କ ହସ୍ତରେ ଅନେକ ଲୋକମାନେ ବଧ ହେଲେ ଏବଂ ସହସ୍ର ସହସ୍ର ସଂଖ୍ୟାକ ଲୋକମାନେ ବନ୍ଦୀ ହେଲେ ଏବଂ ପଳାୟନକାରୀଙ୍କ ମଧ୍ୟରେ ସଂଖ୍ୟାଗରିଷ୍ଠ ପଳାୟନକାରୀ ଔତାସ୍ ଆଡ଼କୁ ପଳାୟନ କଲେ । **(ଶରହୁଲ୍ ଜର୍କାନୀ, ଭାଗ-3, ପୃ-530-531, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧରେ ହୱାଜିନ୍ ସଂପ୍ରଦାୟର ଶତାଧିକ ଲୋକମାନେ ନିହତ ହୋଇଥିଲେ । ହ. ଅବୁ ତଲ୍‌ହା ର.ଅ 20 ଜଣ ଅବିଶ୍ୱାସକାରୀମାନଙ୍କୁ ବଧ କରିଥିଲେ । ସେହିପରି ସରିୟାହ୍ ଔତାସ୍ ଯୁଦ୍ଧରେ ଅବିଶ୍ୱାସକାରୀମାନଙ୍କ 300 ଜଣ ସଦସ୍ୟ ନିହତ ହୋଇଥିଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-285, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୱାଜିନ୍ ସଂପ୍ରଦାୟର ପଳାୟନ କରିବା ସତ୍ତ୍ୱେ ସକିଫ୍ ସଂପ୍ରଦାୟର ଯୋଦ୍ଧାମାନେ ଯୁଦ୍ଧ ଭୂମିରେ ଚଟାଣ ପରି ଛିଡ଼ା ହୋଇ ରହିଥିଲେ। ବନୁ ସକିଫ୍ ସଂପ୍ରଦାୟ ଅତ୍ୟନ୍ତ ବୀରତ୍ୱ ଏବଂ ସାହସିକତାର ସହିତ ଲଢୁଥିଲେ । ଏପର୍ଯ୍ୟନ୍ତକି ସେମାନଙ୍କର 70 ଜଣ ଲୋକମାନେ ମୃତ୍ୟୁବରଣ କଲେ। ସେହି ସଂପ୍ରଦାୟର ଶେଷ ଧ୍ୱଜା ବାହକ ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃ ଥିଲା । ଯେତେବେଳେ ସେ ନିହତ ହେଲା ସେତେବେଳେ ସକିଫ୍ ସଂପ୍ରଦାୟ ମଧ୍ୟ ପଳାୟନ କଲା । ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃର ନିହତ ହେବାର ସୂଚନା ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ପହଞ୍ଚିଲା ସେତେବେଳେ ଆପଣ ସ.ଅ ସେହି ଶତ୍ରୁ ସଂପର୍କରେ କହିଲେ, ଅଲ୍ଲାଃତାଲା ଅବ୍‌ଦୁଲ୍ଲାଃକୁ ନିଜର ଦୟାରୁ ଦୂରେଇ ଦିଅନ୍ତୁ । ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃ ମନ ଭିତରେ କୁରୈଶ୍‌ମାନଙ୍କ ସହିତ ବିଦ୍ୱେଷ ମନୋଭାବ ପୋଷଣ କରୁଥିଲା । ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃର ସଂହାର କିରଥିବା ବ୍ୟକ୍ତି ହ. ଅବ୍‌ଦୁଲ୍ଲାଃ ବିନ୍ ଉମୈୟାହ୍‌ଙ୍କ ନିମନ୍ତେ ଆପଣ ଦୟା ଓ କରୁଣା ପ୍ରାପ୍ତ ହେବା ନିମନ୍ତେ ଦୁଆ କଲେ । ହ. ଅବ୍‌ଦୁଲ୍ଲାଃ କହିଲେ, ମୁଁ ଆଶା କରୁଛି ଯେ, ଅଲ୍ଲାଃତାଲା ମୋତେ ଏହି ଅବସ୍ଥାରେ ହିଁ ଶାହାଦତ୍ (ବୀରଗତି) ପ୍ରଦାନ କରିବେ । ଅତଏବ୍ ହ. ଅବ୍‌ଦୁଲ୍ଲାଃ ବିନ୍ ଅବି ଉମୈୟାହ୍ ତାଏଫ୍‌ର ଘେରାଉ ସମୟରେ ଶାହାଦତ୍ ପ୍ରାପ୍ତେ କରିଥିଲେ । କେତେକ ବର୍ଣ୍ଣାନୁଯାୟୀ ଶେଷ ଧ୍ୱଜା ବାହକ ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃକୁ ହ. ଅଲୀ ର.ଅ ବଧ କରିଥିଲେ । **(କିତାବୁଲ୍ ମୁଗାଜି, ଅଲ୍ ୱକିଦି, ଭାଗ-3, ପୃ-911-912, ଆଲିମୁଲ୍ କୁତୁବ୍, 1984 ମସିହା) (ତବ୍‌କାତ୍ ଇବ୍‌ନେ ସାଆଦ୍ ଭାଗ-6, ପୃ-55, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଶରହୁଲ୍ ଜର୍କାନୀ, ଭାଗ-3, ପୃ-531, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ୱାଦ୍, ଭାଗ-5, ପୃ-334, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧରେ 4 ଜଣ ସାହାବାମାନେ ବୀରଗତି ପ୍ରାପ୍ତ କରିଥିଲେ । ସେମାନଙ୍କର ନାମ ହେଲା ହ. ଉମ୍ମେ ଐମନ୍‌ଙ୍କ ସୁପୁତ୍ର (1) ଐମନ୍ ବିନ୍ ଉବୈଦ୍ । ଉମ୍ମେ ଐମନ୍ ହେଉଛନ୍ତି ସେହି ମହିଳା ଯିଏ ଆଁହଜରତ ସ.ଅଙ୍କ ହାଜିନା (ଅର୍ଥାତ୍ ଶିଶୁର ଦେଖାଶୁଣା, ଲାଳନ ପାଳନ ଓ ଶିଶିକୁ ଜଗୁ ଥିବା ମହିଳା) ଥିଲେ । (2) ସୁରାକା ବିନ୍ ହାରିସ୍ । ଏହି ସାହାବି ଜଣକ ଅନ୍‌ସାରୀ ସାହାବି ଥିଲେ। ତାଙ୍କ ପୁତ୍ର ହାରିସ ବିନ୍ ସୁରାକା ବଦର୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ । (3) ୟଜିଦ୍ ବିନ୍ ଜମ୍‌ଆ ପ୍ରାରମ୍ଭିକ କାଳରେ ଇସଲାମ୍ ଧର୍ମ ସ୍ୱୀକାର କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଏବଂ ଅଶିକ୍ଷିତ ଯୁଗରେ ମଧ୍ୟ କୁରୈଶ୍‌ମାନଙ୍କ ନିକଟରେ ସର୍ବୋଚ୍ଚ ମର୍ଯ୍ୟାଦାରେ ଆସୀନ ତଥା ସର୍ବୋଚ୍ଚ ମର୍ଯ୍ୟାଦାର ଅଧିକାରୀ ଥିଲେ । କୁରୈଶ୍‌ମାନେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତାଙ୍କ ଠାରୁ ପରାମର୍ଶ ଗ୍ରହଣ କରୁଥିଲେ । ଆପଣ ଉମ୍ମୁଲ୍ ମୁମିନିନ୍ ହ. ଉମ୍ମେ ସଲମା ର.ଅଙ୍କ ଭଣଜା ଥିଲା । ଯୁଦ୍ଧଭୂମିରେ ଅଶ୍ୱ ଚମକିଯିବା ଯୋଗୁଁ ସେ ଶହୀଦ୍ ହୋଇଯାଇଥିଲେ । ଅର୍ଥାତ୍ ତଳେ ପଡ଼ିଗଲେ ଏବଂ ଅଶ୍ୱ (ଘୋଡ଼ା) ତଳେ ଚାପି ହୋଇଯିବାରୁ ସେ ଶହୀଦ୍ ହୋଇଗଲେ । କେତେକଙ୍କ ନିକଟରେ ତାଙ୍କର ଶାହାଦତ୍ ତାଏଫ୍ ଯୁଦ୍ଧରେ ହୋଇଥିଲା । ଏହାର ଚର୍ଚ୍ଚା ଆଗକୁ ହେବ । (4) ଚତୁର୍ଥ ସାହାବି ହେଉଛନ୍ତି ହ. ଅବୁ ଆମିର୍ ର.ଅ । ତାଙ୍କର ଚର୍ଚ୍ଚା ମଧ୍ୟ ଔତାସ୍ ଯୁଦ୍ଧରେ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

**ତାଲିବେ ଦୁଆ:** Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

**ତାଲିବେ ଦୁଆ:** Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଆସିବା। **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-284, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଉସଦୁଲ୍ ଗାବା, ଜୈଦ୍ ବିନ୍ ଜମଆ, ଭାଗ-5, ପୃ-453, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ. 2003 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଆଏଜ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହୁନୈନ୍ ଯୁଦ୍ଧରେ ମୋ ମଥାରେ ଏକ ତୀର ଆସି ବାଜିଲା ଏବଂ ମୋ ମୁଖମଣ୍ଡଳରେ ଏବଂ ଛାତିରେ ରକ୍ତ ବହିବାକୁ ଲାଗିଲା । ରସୁଲ୍ କରୀମ୍ ସ.ଅ ନିଜର ପବିତ୍ର ହସ୍ତ ମୋ ମୁଖମଣ୍ଡଳ ଉପରେ ଏବଂ ମୋ ଛାତି ଉପରରୁ ଛାତି ପର୍ଯ୍ୟନ୍ତ ବୁଲାଇଲେ ଓ ରକ୍ତ ପୋଛିବାକୁ ଲାଗିଲେ । ଏହା ଦ୍ୱାରା ରକ୍ତସ୍ରାବ ବନ୍ଦ୍ ହୋଇଗଲା । ତତ୍‌ପରେ ଆପଣ ସ.ଅ ମୋ ନିମନ୍ତେ ଦୁଆ କଲେ । କେତେକ ବର୍ଣ୍ଣନାକାରୀମାନେ ଏହା ମଧ୍ୟ କୁହନ୍ତି ଯେ, ଆଁହଜରତ ସ.ଅ ଯେଉଁ ହାତ ସ୍ପର୍ଶ (ବୁଲାଇଥିଲେ) କରିଥିଲେ ସେହି ପବିତ୍ର ହସ୍ତର ଚିହ୍ନ ତାଙ୍କର ଶରୀର ଉରେରେ ପରବର୍ତ୍ତୀ ସମୟରେ ମଧ୍ୟ ସେମିତି ରହିଥିଲା। **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-162, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2002 ମସିହା) (ଶରହୁଜ୍ ଜର୍କାନୀ, ଭାଗ-5, ପୃ-457, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଯେକି ଏକ ଅଶ୍ୱାରୋହୀ ସୈନ୍ୟବାହିନୀର ସେନାପତି ଥିଲେ, ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ଗମ୍ଭୀର ଭାବରେ ଆହତ ହୋଇଥିଲେ । ଉକ୍ତ ଘଟଣାଟି ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି । ଯେତେବେଳେ ସୈନ୍ୟବାହିନୀ କ୍ଷିପ୍ତ ବିକ୍ଷିପ୍ତ ହେଲା ସେତେବେଳେ ଆପଣ ର.ଅ ଅର୍ଥାତ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଅଶ୍ୱ ଉପରୁ ତଳେ ପଡ଼ି ଯାଇଥିଲେ। ଜଣେ ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଅବିଶ୍ୱାସକାରୀମାନେ ପରାସ୍ତ ହେଲେ ଏବଂ ମୁସଲମାନମାନେ ନିଜ ନିଜର ଶିବିର ଆଡ଼କୁ ଚାଲିଗଲେ, ସେତେବେଳେ ମୁଁ ରସୁଲ୍ କରୀମ୍ ସ.ଅଙ୍କୁ ଦେଖିଲି ଯେ, ଆପଣ ସ.ଅ ଲୋକମାନଙ୍କ ମଧ୍ୟରେ ଚାଲୁଥିଲେ ଏବଂ କହୁଥିଲେ ଯେ, ମୋତେ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ପର୍ଯ୍ୟନ୍ତ କିଏ ପହଞ୍ଚାଇ ଦେବ ? ଅତଏବ୍ ଆଁହଜରତ ସ.ଅ ଯେତେବେଳେ ତାଙ୍କ ପାଖରେ ପହଞ୍ଚିଲେ ସେତେବେଳେ ହ. ଖାଲିଦ୍ ର.ଅ ଓଟର ପଲାଣ ସହିତ ଆଉଜି ହୋଇ ବସିଥିଲେ । ହୁଜୁର ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ପାଖରେ ବସିଗଲେ ଏବଂ ତାଙ୍କର କ୍ଷତକୁ ଦେଖି ସେହି କ୍ଷତରେ ନିଜର ପବିତ୍ର ଲାଳ ପ୍ରୟୋଗ କଲେ । ଏହା ଦ୍ୱାରା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ତୁରନ୍ତ ଉପଶମ ମିଳା ଏବଂ ସେ ଆରୋଗ୍ୟ ଲାଭ ହେଲେ । ଏତଦ୍‌ଭିନ୍ନ ହ. ଅବ୍‌ଦୁଲ୍ଲାଃ ବିନ୍ ଅବି ଔଫା, ହ. ଅବୁ ବକ୍କର ସିଦ୍ଦିକ୍ ର.ଅ, ହ. ଉମର୍ ର.ଅ, ହ. ଉସମାନ୍ ର.ଅ ଓ ହ. ଅଲୀ ର.ଅ ମଧ୍ୟ ଆହତ ହୋଇଥିଲେ। **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-279, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-162, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2002 ମସିହା) (ଅସ୍ ସିରତୁନ୍ ନବ୍‌ୱିୟାହ୍, ଅସ୍ ସହିୟାହ୍ ମୁହୱିଲତତ୍ ଅତତତବିକି, କୱାଇଦିଲ୍ ମୁହଦ୍ଦିସିନ୍, ଭାଗ-2, ଲିଇବ୍‌ନେ ହିଶ୍ଶାମ୍, ପୃ-504, ମକତବତୁଲ୍ ଉଲୁମି, ୱଲ୍ ହୁକମି, 1914)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରାରମ୍ଭିକ ପର୍ଯ୍ୟାୟରେ ହୁନୈନ୍ ଯୁଦ୍ଧ ଭୂମିରୁ ଯେତେବେଳେ କେତେକ ମୁସଲମାନମାନେ ପଳାୟନ କଲେ ସେତେବେଳେ ସେମାନଙ୍କ ମଧ୍ୟରୁ କେତେକ ଲୋକ ମକ୍କା ଚାଲିଗଲେ ଏବଂ ସେଠାରେ ଯାଇ ମକ୍କାବାସୀଙ୍କୁ ଏହା କହିଲେ ଯେ, ହେ ମକ୍କାବାସୀମାନେ ! ମୁସଲମାନମାନେ ହୁନୈନ୍ ଯୁଦ୍ଧରେ ପରାସ୍ତ ହୋଇ ସାରିଛନ୍ତି ଏବଂ ମୁହମ୍ମଦ୍ ସ.ଅ ନାଉଜୁବିଲ୍ଲାଃ ନିହତ ହୋଇଛନ୍ତି। ଉକ୍ତ ଖବର ପ୍ରାପ୍ତ ହେବା ପରେ ମକ୍କାରେ ଉପସ୍ଥିତ ଥିବା କପଟବିଶ୍ୱାସୀମାନେ ଏବଂ ଅନ୍ୟ ଲୋକମାନେ ଯେଉଁମାନଙ୍କ ମନରେ ବିଦ୍ୱେଷ ଥିଲା ସେମାନେ ବହୁତ ଆନନ୍ଦିତ ହେଲେ ଏବଂ କହିବାକୁ ଲାଗିଲେ ଯେ, ବର୍ତ୍ତମାନ ଆରବ୍ୟମାନେ ନିଜର ପିତୃଧର୍ମକୁ ଫେରି ଆସିବେ । ଇତ୍ୟବସରରେ ମକ୍କାର ଅମୀର୍ ଅତ୍ତାବ୍ ବିନ୍ ଅସିଦ୍ ଅତ୍ୟନ୍ତ ବୀରତ୍ୱ ଓ ସାହସିକତା ପ୍ରଦର୍ଶନ କଲେ ଏବଂ ମକ୍କାବାସୀଙ୍କୁ ସମ୍ବୋଧିତ କରି କହିଲେ, ହେ ମକ୍କାବାସୀମାନେ إِنْ قُتِلَ مُحَمَّدٌ فَإِنَّ دِيْنَ اللهِ قَائِمٌ، وَالَّذِيْ يَعْبُدُهُ مُحَمَّدٌ حَيٌّ لَا يَمُوْتُ ଅର୍ଥାତ୍ ମୁହମ୍ମଦ ସ.ଅ ଯଦି ଶହୀଦ୍ ହୋଇଯାଆନ୍ତି ତେବେ ମଧ୍ୟ ନିଃସନ୍ଦେହ ରୂପେ ଅଲ୍ଲାଃତାଲାଙ୍କ ଧର୍ମ ସର୍ବଦା ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରହିବ । ମୁହମ୍ମଦ୍ ସ.ଅ ଯେଉଁ ଅସ୍ତିତ୍ୱ ତଥା ଯେଉଁ ସତ୍ତାଙ୍କର ଉପାସନା କରୁଥିଲେ । ଅର୍ଥାତ୍ ଅଲ୍ଲାଃତାଲାଙ୍କର ସେହି ଅସ୍ତିତ୍ୱ ଚିରଞ୍ଜୀବ ଅଟନ୍ତି ଓ ଚିରଞ୍ଜୀବ ରହିବେ । ସେ କେବେ ବି ମୃତ୍ୟୁବରଣ କରିବେ ନାହିଁ। ବର୍ତ୍ତମାନ କିଛି ସମୟ ବିତି ନଥିଲା କି ହୁନୈନ୍‌ରୁ ଏହା ଶୁଭସୂଚନା ମଧ୍ୟ ଆସିଲା ଯେ, ମୁସଲମାନମାନେ ବିଜୟୀ ହୋଇଛନ୍ତି ଏବଂ ବନୁ ହୱାଜିନ୍ ସଂପ୍ରଦାୟ ଅତ୍ୟନ୍ତ ଶୋଚନୀୟ ଭାବରେ ପରାଜିତ ହୋଇ ପଳାୟନ କରିଛନ୍ତି । ସେହିପରି ମଦିନାରେ ମଧ୍ୟ ଉକ୍ତ ପରାଜୟ ଖବର ପହଞ୍ଚି ସାରିଥିଲା । ସେଠାରେ ହ. ନହିକ୍ ବିନ୍ ୱସ୍‌ଙ୍କୁ ରସୁଲୁଲ୍ଲାଃ ସ.ଅ ବିଜୟର ଶୁଭ ସୂଚନା ଦେଇ ପ୍ରେରଣ କଲେ । ସେ ବର୍ଣ୍ଣନା କରନ୍ତି ଯେ, ମୁଁ ସନ୍ଧ୍ୟା ହେବା ପୂର୍ବରୁ ହିଁ ବାହାରି ପଡ଼ିଲି । ବାଟରେ ମଧ୍ୟ ଲୋକମାନେ ଏହି କଥାବାର୍ତ୍ତା କରୁଥିଲେ ଯେ, ମୁହମ୍ମଦ୍ ସ.ଅଙ୍କ ସୈନ୍ୟବାହିନୀକୁ ପରଜାୟର ସମ୍ମୁଖୀନ ହେବାକୁ ପଡ଼ିଛି । ଅର୍ଥାତ୍ ଏପରି ପରାଜୟ ପୂର୍ବେ କେବେ ବି ହୋଇ ନଥିବି ଏବଂ ମାଲିକ୍ ବିନ୍ ଔଫ୍‌ଙ୍କ ସୈନ୍ୟବାହିନୀ ମୁହମ୍ମଦ ସ.ଅଙ୍କ ସୈନ୍ୟବାହିନୀ ଉପରେ ବିଜୟ ପ୍ରାପ୍ତ କରିଛି । ତେବେ ମୁଁ କହିଲି କି ଏସବୁ ମିଛ କଥା । ବରଂ ଅଲ୍ଲାଃତାଲା ନିଜର ବାର୍ତ୍ତାବହଙ୍କୁ ବିଜୟ ପ୍ରଦାନ କରିଛନ୍ତି ଓ ଶତ୍ରୁ ପକ୍ଷର ମହିଳା ଓ ଛୋଟ ପିଲାମାନ ଇତ୍ୟାଦି ବନ୍ଦୀମାନଙ୍କୁ ଆମମାନଙ୍କୁ ପ୍ରଦାନ କରିଛନ୍ତି । ସେମାନେ କୁହନ୍ତି ଯେ, ମୁଁ ଏହି ସୂଚନା ପ୍ରଦାନ କରି ମଦିନାରେ ତିନି ଦିନ ମଧ୍ୟରେ ପହଞ୍ଚିଗଲି । ଏହା ପୂର୍ବରୁ ମୁଁ ବାହନ ଉପରେ ଏତେ ସମୟ ପର୍ଯ୍ୟନ୍ତ ଅହରହ ଦ୍ରୁତ ଗତିରେ ଯାତ୍ରା କରି ନଥିଲି । ପୁନଶ୍ଚ ମୁଁ ମଦିନା ଠାରେ ପହଞ୍ଚି ଏହି ଘୋଷଣା କଲି ଯେ, ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କ କୃପାରୁ ସକୁଶଳେ ଅଛନ୍ତି ଏବଂ ମୁସଲମାନମାନଙ୍କୁ ବିରାଟ ବିଜୟ ପ୍ରାପ୍ତ ହୋଇଛି। ମୁଁ ଯେତେବେଳେ ସେଠାରୁ ବାହାରୁଥିଲି ସେତେବେଳେ ମୁସଲମାନମାନେ କିଛି ମାଲେ ଗନିମତ୍ ଏକତ୍ରିତ କରି ସାରିଥିଲେ ଏବଂ ଆଉ କିଛି ମାଲେ ଗନିମତ୍ ଏକତ୍ରିତ କରୁଥିଲେ । ପୁନଶ୍ଚ ସେ ଆଁହଜରତ ସ.ଅଙ୍କ ପବିତ୍ର ପତ୍ନିମାନଙ୍କ କୋଠରୀ ଆଡ଼କୁ ଗଲେ ଏବଂ ରସୁଲୁଲୁଲ୍ଲାଃ ସ.ଅଙ୍କ ସକୁଶଳର ଶୁଭ ସୂଚନା ମଧ୍ୟ ସେମାନଙ୍କୁ ପ୍ରଦାନ କଲେ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅଙ୍କ ସମସ୍ତ ପବିତ୍ର ପତ୍ନିମାନେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ ଅତ୍ୟଧିକ ଆନନ୍ଦିତ ହୋଇଗଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-320 ଓ 340-, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ, 1993 ମସିହା)(ଶରହୁଜ୍ ଜର୍କାନୀ, ଭାଗ-3, ପୃ-508, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-280-282, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବନୁ ହୱାଜିନ୍ ସଂପ୍ରଦାୟର ସେନାପତି ମାଲିକ୍ ବିନ୍ ଔଫ୍ ଯେକି ଅତି କଷ୍ଟରେ ନିଜର ପ୍ରାଣ ନେଇ ଯୁଦ୍ଧଭୂମିରୁ ପଳାୟନ କରିଥିଲା ସେ ଓ ତା'ର ସାଥିମାନେ ଏକ ଘାଟି ଉପରେ ଛିଡ଼ା ହୋଇଗଲେ । ସେ କହିଲେ, ରହିଯାଅ ! ଏପର୍ଯ୍ୟନ୍ତକି ଦୁର୍ବଳ ଲୋକମାନେ ଏବଂ ତୁମର ଭାଇମାନେ ଆସି ପରସ୍ପର ସହିତ ମିଶିଯିବେ ହ. ଜୁବୈର୍ ବିନ୍ ଅୱାମ୍ ର.ଅ ସେମାନଙ୍କୁ ଯେତେବେଳେ ଦେଖିଲେ ସେତେବେଳେ ସେ ସେମାନଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ମାଲିକ୍ ସେଠାରୁ ପଳାୟନ କରି ସକିଫ୍ ସଂପ୍ରଦାୟର ଦୁର୍ଗରେ ପ୍ରବେଶ କରିଗଲା । **(ସିରତ୍ ଇବନେ ହିଶ୍ଶାମ୍, ପୃ-771 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2001 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-333 ଓ 334, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ, 1993 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁହଲ୍ଲିମ୍ ବିନ୍ ଜସ୍ସାମାଙ୍କ ଜଣେ ବ୍ୟକ୍ତିକୁ ସଂହାର କରିବା ଏବଂ ତା'ର ଦିୟତ୍ ଅର୍ଥାତ୍ କ୍ଷତିପୂରଣ କରିବା ଘଟଣାର ଅତିରିକ୍ତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି । ମକ୍କା ବିଜୟର ଚର୍ଚ୍ଚା କରି ସାରିବା ପୂର୍ବ ଖୁତ୍‌ବାରେ ସରିୟା ଇଜମ୍‌ର ଚର୍ଚ୍ଚା କରିଥିଲି ଯେ, ମୁହଲ୍ଲିମ୍ ବିନ୍ ଜସ୍ସାମା ନାମକ ଜଣେ ସାହାବି ଏପରି ଏକ ବ୍ୟକ୍ତିକୁ ହତ୍ୟା କରିଦେଲେ ଯିଏ ବାଟରେ ଯିବା ସମୟରେ ତାଙ୍କୁ ଅସ୍‌ସଲାମୁ ଅଲୈକୁମ୍ କହି ଦେଇଥିଲା । କିନ୍ତୁ ସେହି ବ୍ୟକ୍ତିର ସଲାମ୍ କରିବା ସତ୍ତ୍ୱେ ମଧ୍ୟ ମୁହଲ୍ଲିମ୍ ବିନ୍ ଜସ୍ସାମା ଉକ୍ତ ବ୍ୟକ୍ତିର ସଂହାର କରିଦେଲେ । ଉକ୍ତ ଘଟଣା ସଂପର୍କରେ ଅତିରିକ୍ତ ବିବରଣୀ ବର୍ଣ୍ଣନା କରାଯାଏ । ତାହା ଏହିପରି ଯେ, ହୁନୈନ୍ ଯୁଦ୍ଧ ପରେ ଯେତେବେଳେ ଆଁହଜରତ ସ.ଅ ତାଏଫ୍ ଯୁଦ୍ଧ ନିମନ୍ତେ ବାହାରୁଥିଲେ କି ଦିନେ ନମାଜେ ଜୋହୋର୍ ପରେ ଆପଣ ଏକ ବୃକ୍ଷ ତଳେ ବସିଲେ । ଉୟୈନାହ୍ ବିନ୍ ହିସନ୍ ଉଠିଲା, ସେ ମୃତ ଆମିର୍ ବିନ୍ ଅଜ୍‌ବତ୍ ଅଶ୍‌ଜଇର ରକ୍ତର ପ୍ରତିଶୋଧ ନେବା ନିମନ୍ତେ ଦାବି କଲା । ତା' ସହିତ ଅକ୍ରାଅ ବିନ୍ ହାବିସ୍ ଉଠିଲେ ସେ ମୁହଲ୍ଲିମ୍ ବିନ୍ ଜସ୍ସାମାକୁ ବଞ୍ଚାଇବାକୁ ଚାହୁଁଥିଲେ । ସେମାନେ ଦୁହେଁ ଆପଣ ସ.ଅଙ୍କ ସମ୍ମୁଖରେ ଯୁକ୍ତି ତର୍କ କରିବା ଆରମ୍ଭ କରିଦେଲେ । ଉୟୈନା କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୁଁ ତା'କୁ ଅର୍ଥାତ୍ ହତ୍ୟାକାରୀକୁ ଛାଡ଼ିବି ନାହିଁ । ଯେପରି ସେମାନେ ଆମମାନଙ୍କ ମହିଳାମାନଙ୍କ ଉପରେ ଦୁଃଖର ପର୍ବତ ଖସାଇ ଦେଇଥିଲେ ଠିକ୍ ସେହିପରି ମୁଁ ମଧ୍ୟ ସେମାନଙ୍କ ମହିଳାମାନଙ୍କ ଉପରେ ଦୁଃଖର ପର୍ବତ ଖସାଇ ଦେବି । ଆପଣ ସ.ଅ କହିଲେ, ବସ ଉୟୈନାହ୍ ତୁମେ ଦିୟତ୍

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

(କ୍ଷତିପୂରଣ) ନେଇନିଅ । 50ଟି ଓଟ ଏହି ମୁହୂର୍ତ୍ତରେ ନେଇନିଅ ଏବଂ ଆଉ 50ଟି ଓଟ ମଦିନା ପହଞ୍ଚିଲା ପରେ ନେଇନେବ । କିନ୍ତୁ ଉୟୈନା ଦିୟତ୍ (କ୍ଷତିପୂରଣ) ନେବାକୁ ଅସ୍ୱୀକାର କରିଦେଲା । ସେ ଯାହା ହେଉ କିଛି ସମୟ କଥାବାର୍ତ୍ତା ହେବା ପରେ ପରିଶେଷରେ ସେହି ଲୋକମାନେ ଦିୟତ୍ ସ୍ୱୀକାର କରିନେଲେ । ହତ୍ୟାକାରୀ ମୁହଲ୍ଲିମ୍ ଗୋଟିଏ ପାର୍ଶ୍ୱରେ ଛିଡ଼ା ହୋଇଥିଲା, ସେ ପ୍ରତିଶୋଧ (ଶାସ୍ତି) ପାଇଁ ପ୍ରସ୍ତୁତ ହୋଇ ଆସିଥିଲା ଏବଂ ମନରେ କହିଲା, ବର୍ତ୍ତମାନ ତ' ମୋର ମୃତ୍ୟୁ ଆସିଯାଇଛି। ଦିୟତ୍ ଆଦିର ନିଷ୍ପତ୍ତି ହେବା ପରେ ମୁହଲ୍ଲିମ୍ ଛିଡ଼ା ହୋଇ ଆଁହଜରତ ସ.ଅଙ୍କ ନିକଟରେ ବସିଗଲା । ତା' ଚକ୍ଷୁରୁ ଅଶ୍ରୁ ଧାର ଧାର ହୋଇ ବହୁଥିଲା । ସେ କହିଲା, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅଙ୍କ ପର୍ଯ୍ୟନ୍ତ ଯେଉଁ କଥା ପହଞ୍ଚିଛି ମୁଁ ତହିଁରୁ ଅଲ୍ଲାଃତାଲାଙ୍କ ସମକ୍ଷରେ କ୍ଷମାଯାଚନା କରୁଛି । ଆପଣ ସ.ଅ ମଧ୍ୟ ମୋ ନିମନ୍ତେ କ୍ଷମା ପ୍ରାପ୍ତି ହେବାର ଦୁଆ କରନ୍ତୁ । ଆପଣ ସ.ଅ ପଚାରିଲେ, ବସ୍ସ ! ତୁମର ନାମ କ'ଣ? ସେ କହିଲା, ମୋର ନାମ ମୁହଲ୍ଲିମ୍ ବିନ୍ ଜସ୍ସାମା ଅଟେ । ଆପଣ ସ.ଅ କହିଲେ, ତୁମେ ଇସ୍‌ଲାମ୍ ଧର୍ମର ପ୍ରାରମ୍ଭିକ କାଳରେ ତା'ର ହତ୍ୟା କରିଦେଲେ? ଅର୍ଥାତ୍ ସେ ଆସିବା ମାତ୍ରେ ଅସ୍‌ସଲାମୁ ଅଲୈକୁମ୍ କହିଥିଲା ଓ ଏହା ସତ୍ତ୍ୱେ ମଧ୍ୟ ତୁମେ ତାକୁ ହତ୍ୟା କରିଦେଲ ? ଆପଣ ସ.ଅ କହିଲେ, ହେ ଅଲ୍ଲାଃ ! ତୁମ୍ଭେ ମୁହଲ୍ଲିମ୍‌କୁ କ୍ଷମା ପ୍ରଦାନ କରିବ ନାହିଁ । ଉକ୍ତ ବାକ୍ୟ ସମସ୍ତେ ଶୁଣିଲେ । ମୁହଲ୍ଲିମ୍ ପୁନଃ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ କ୍ଷମା ଚାହୁଁଛି । ଆପଣ ସ.ଅ ମଧ୍ୟ ମୋ ନିମନ୍ତେ କ୍ଷମାଯାଚନା କରନ୍ତୁ । ଆପଣ ସ.ଅ ପୁନଃ ଉଚ୍ଚ ସ୍ୱରରେ କହିଲେ, ହେ ଅଲ୍ଲାଃ ! ତୁମ୍ଭେ ମୁହଲ୍ଲିମ୍‌କୁ କ୍ଷମା ପ୍ରଦାନ କରିବ ନାହିଁ । ସେ ତୃତୀୟ ଥର ଏହି କଥା ଅର୍ଥାତ୍ କ୍ଷମାଯାଚନା କଥା କହିଲା । ପୁନଶ୍ଚ ରସୁଲ୍ କରୀମ୍ ସ.ଅ କହିଲେ, ହେ ଜସ୍ସାମା ତୁମେ ମୋ ସମ୍ମୁଖରୁ ଉଠି ଚାଲିଯାଅ । ଏହାପରେ ଜସ୍ସାମା ଆପଣ ସ.ଅଙ୍କ ସମ୍ମୁଖରୁ ଉଠିଲା ଏବଂ ସେ ନିଜର ଲୁହ ନିଜ ଚଦର ଦ୍ୱାରା ପୋଛୁଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ଇବ୍‌ନେ ଇସ୍‌ହାକ୍‌ଙ୍କ ଏକ ବର୍ଣ୍ଣନା ରହିଛି । ସେ କୁହନ୍ତି ଯେ, ମୁହଲ୍ଲିମ୍‌ଙ୍କ ଜାତିର ଲୋକମାନେ ବର୍ଣ୍ଣନା କରନ୍ତି ଯେ, ପରେ ଆଁହଜରତ ସ.ଅ ମୁହଲ୍ଲିମ୍‌ର କ୍ଷମାଯାଚନା ନିମନ୍ତେ ମଧ୍ୟ ଦୁଆ କରିଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-339-340, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ, 1993 ମସିହା) (ସୁନନ୍ ଅବୁ ଦାଉଦ୍, କିତାବୁଦ୍ ଦିୟାତ୍, ବାବ୍- ଅଲ୍ ଇମାମି ୟାମୁରୁ ବିଲ୍ ଅଫୱି ଫିଦ୍ଦମି, ହଦିସ୍ ନଂ-4503) (ସୁନନ୍ ଇବ୍‌ନେ ମାଜା, କିତାବୁଦ୍ ଦିୟାତ୍, ବାବ୍-ମନ୍ କତଲା ଅମଦନ୍..........ହଦିସ୍ ନଂ-2625)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସରିୟା ଔତାସ୍‌ର ସବିଶେଷ ବିବରଣୀ ଏହିପରି ଯେ, ହୁନୈନ୍ ଯୁଦ୍ଧରେ ଅତି ଶୋଚନୀୟ ପରାଜୟ ବରଣ କରିବା ପରେ ହୱାଜିନ୍ ସଂପ୍ରଦାୟର ସୈନ୍ୟବାହିନୀ ଯୁଆଡ଼େ ଚାହିଁଲା ସିଆଡ଼େ ପଳାୟନ କଲା । ସେହି ସୈନ୍ୟବାହିନୀର ସେନାପତି ମାଲିକ୍ ବିନ୍ ଔଫ୍ ମଧ୍ୟ ଥିଲା, ସେ ତାଏଫ୍ ଆଡ଼କୁ ପଳାୟନ କଲା ଓ ତାଏଫ୍‌ର ଦୁର୍ଗରେ ଆଶ୍ରୟ ନେଲା । ସେହିପରି ସୈନ୍ୟବାହିନୀର ଆଉ ଏକ ଭାଗ ଉପତ୍ୟକା ଠାରେ ଏକତ୍ରିତ ହୋଇଗଲା ଏବଂ ନଖ୍‌ଲା ଅର୍ଥାତ୍ ନୁଖୈଲା ଆଡ଼କୁ ପଳାୟନ କଲା । ଔତାସ୍ ହେଉଛି ହୁନୈନ୍ ନିକଟବର୍ତ୍ତୀ ଏକ ଉପତ୍ୟକାର ନାମ । ବନୁ ହୱାଜିନ୍ ସଂପ୍ରଦାୟର ଲୋକମାନେ ନିଜର ସ୍ତ୍ରୀ ଓ ପିଲା ଛୁଆ, ଧନ ଓ ଗୃହପାଳିତ ଜୀବମାନଙ୍କୁ ଧରି ଯୁଦ୍ଧରେ ସାମିଲ୍ ହୋଇଥିଲେ ଏବଂ ଆକ୍ରମଣ କରିଥିଲେ । ସେମାନେ ନିଜେ ତ' ପଳାୟନ କଲେ । ବର୍ତ୍ତମାନ ଏମାନଙ୍କର ଏହି ସବୁ ଜିନିଷି ମାଲେ ଗନିମତ୍ ରୂପେ ମୁସଲମାନମାନଙ୍କର ହାତ ମୁଠାକୁ ଚାଲି ଆସିଲା । ଇସ୍‌ଲାମ୍ ଧର୍ମର ଇତିହାସରେ ମୁସଲମାନମାନଙ୍କୁ ଯେଉଁ ମାଲେ ଗନିମତ ପ୍ରାପ୍ତ ହୋଇଥିଲା ତାହା ଅପକ୍ଷା ଏହି ମାଲେ ଗନିମତ୍ ସବୁଠୁ ଅଧିକ ମାଲେ ଗନିମତ୍ ଥିଲା ।

ହୁଜୁର ଅନୱର୍ ଅ.ବ କହିଲେ, ଆଁହଜରତ ସ.ଅ ସମସ୍ତ ମାଲେ ଗନିମତ୍ ଏବଂ ବନ୍ଦୀମାନଙ୍କୁ ହ. ମସ୍‌ଉଦ୍ ବିନ୍ ଅମ୍ର ଗିଫ୍ଫାରୀଙ୍କ ତତ୍ତ୍ୱାବଧାନରେ ଜିରାନା ନାମକ ସ୍ଥାନକୁ ପ୍ରେରଣ କରିଦେଲେ ଏବଂ ସ୍ୱୟଂ ସମସ୍ତ ସୈନ୍ୟବାହିନୀ ନେଇ ତାଏଫ୍ ଆଡ଼କୁ ବାହାରିଗଲେ । ହ. ଅବୁ ଆମିର୍ ଅଶ୍‌ଅରୀଙ୍କ ନାମ ଉବୈଦ୍ ବିନ୍ ସୁଲୈମ୍ ଥିଲା । ତାଙ୍କ ନେତୃତ୍ୱରେ ଔତାସ୍ ଆଡ଼କୁ ଏକ ସୈନ୍ୟବାହିନୀ ଆପଣ ସ.ଅ ପ୍ରେରଣ କଲେ । ଉକ୍ତ ସୈନ୍ୟବାହିନୀରେ ଅବୁ ମୁସା ଅଶ୍‌ଅରୀ ଏବଂ ସଲମା ବିନ୍ ଅକ୍‌ୱା ମଧ୍ୟ ଥିଲେ । ହ. ଅବୁ ଆମିର୍ ର.ଅ ଶତ୍ରୁମାନଙ୍କୁ ଯୁଦ୍ଧ ନିମନ୍ତେ ଆମନ୍ତ୍ରିତ କଲେ । ସେଠାରେ ଶତ୍ରୁ ପକ୍ଷର ଦଶ ଜଣ ଭାଇମାନେ ଥିଲେ । ସେହି 10 ଜଣ ଭାଇମାନେ ଯୁଦ୍ଧ କଳା ଏବଂ ସାମର୍ଥ୍ୟତା ଯୋଗୁଁ ବିଖ୍ୟାତ ଥିଲେ । ସର୍ବ ପ୍ରଥମେ ଏହି 10 ଜଣ ଭାଇମାନେ ଲଢିବା ପାଇଁ ବାହାରିଲେ । ପ୍ରଥମେ ଜଣେ ଭାଇ ଆସିଲା ଏବଂ ଆମିର୍ ର.ଅ ତା'କୁ ଇସ୍‌ଲାମ୍ ଧର୍ମର ସନ୍ଦେଶ ଦେଲେ । କିନ୍ତୁ ସେ ମୁକାବିଲା କରିବାକୁ ଅଗ୍ରାଧିକାର ଦେଲା । ଅବୁ ଆମିର୍ ର.ଅ କହିଲେ, اَللّٰھُمَّ اشْھَدْ عَلَیْہِ ଅର୍ଥାତ୍ ତୁମେ ସାକ୍ଷୀ ରହିଲ । ଏହା କହି ଅବୁ ଆମିର୍ ର.ଅ ତା' ଉପରେ ପ୍ରହାର କରିବାକୁ ଲାଗିଥିଲେ କି ସେ ଚିତ୍କାର କରି ଏହା କହି ଉଠିଲା ଯେ, اَللّٰھُمَّ لَا تَشْھَدْ عَلَیَّ ଅର୍ଥାତ୍ ହେ ଅଲ୍ଲାଃ ତୁମେ ମୋ ଉପରେ ସାକ୍ଷୀ ରହିବ ନାହିଁ । ସେ ଏପରି ପ୍ରକାଶ କଲା ଯେପରିକି ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରୁଛି । ଏହା ଶୁଣିବା ମାତ୍ରେ ଅବୁ ଆମିର୍ ନିଜର ଖଡ଼୍‌ଗ ତଳକୁ କରିନେଲେ ଏବଂ ତାକୁ ଛାଡ଼ିଦେଲେ । କିନ୍ତୁ ସେ ପାଲଟି ଅବୁ ଆମିର୍ ର.ଅଙ୍କ ଉପରେ ଆକ୍ରମଣ କରିଦେଲା । ସେ ଧୋକା ଦେଲା । କେତେକ ବର୍ଣ୍ଣନାନୁଯାୟୀ ସେ ଅବୁ ଆମିର୍ ର.ଅଙ୍କୁ ଶହୀଦ୍ କରିଥିଲା । କିନ୍ତୁ ଅନ୍ୟ ବର୍ଣ୍ଣନାନୁଯାୟୀ ଏକଥା ସତ୍ୟ ନୁହେଁ । କାରଣ ଯେଉଁ ବ୍ୟକ୍ତି ଅବୁ ଆମିର୍‌ଙ୍କୁ ଶହୀଦ୍ କରିଥିଲା ତାକୁ ହ. ଅବୁ ମୁସା ଅଶ୍‌ଅରୀ ର.ଅ ସେହି ସମୟରେ ହିଁ ଶହୀଦ୍ କରି ଦେଇଥିଲେ । ସର୍ବାଧିକ ସଠିକ୍ ବର୍ଣ୍ଣନାଟି ଏହା ହିଁ ଯେ, ଦଶମ ଭାଇ ଜଣକ ଇସ୍‌ଲାମ୍ ଧର୍ମ ସ୍ୱକାର କରିଥିଲେ । ଏହା ମଧ୍ୟ କୁହାଯାଏ ଯେ, ସେ ସେହି ଦଶମ ଭାଇ ଜଣକ ବହୁତ ଭଲ ମୁସଲମାନ ବ୍ୟକ୍ତି ସାବ୍ୟସ୍ତ ହେଲା ଏବଂ ପରେ ଯେତେବେଳେ ବି ରସୁଲ୍ କରୀମ୍ ସ.ଅଙ୍କ ତା' ଉପରେ ଦୃଷ୍ଟି ପଡ଼ୁଥିଲା ସେତେବେଳେ ଆପଣ ସ.ଅ କହୁଥିଲେ, ھٰذَا شَرِیْدُ اَبِیْ عَامِرٍ ଅର୍ଥାତ୍ ଉକ୍ତ ବ୍ୟକ୍ତି ଜଣକ ହ. ଅବୁ ଆମିର୍‌ଙ୍କ ଖଡ୍‌ଗରୁ ବର୍ତ୍ତି ଯାଇଅଛି । ସେ ଯାହା ହେଉ ହ. ଅବୁ ଆମିର୍ ର.ଅ ଏହିପରି ନିର୍ଭୀକ ଭାବରେ ଲଢିଥିଲେ ଏବଂ ଯେକେହି ତାଙ୍କ ଖଡ଼୍‌ଗ ସମ୍ମୁଖକୁ ଆସୁଥିଲା, ସେ ନିଜର ପ୍ରାଣ ହରାଉଥିଲା । ପରିଶେଷରେ ହାରିସ୍ ଯୁଶମିର ଦୁଇ ପୁତ୍ର ଅଲା ଓ ଔଫା ତାଙ୍କ ଉପରେ ତୀର ବର୍ଷଣ କରିଦେଲେ । ଗୋଟିଏ ତୀର ଅବୁ ଆମିର୍ ର.ଅଙ୍କ ଛାତିରେ ବାଜିଲା ଏବଂ ଆଉ ଏକ ତୀର ତାଙ୍କର ଆଣ୍ଠୁରେ ବାଜିଲା । କେତେକ ବର୍ଣ୍ଣନାନୁଯାୟୀ ତୀର ଚଳନାକାରୀ ଦୁରୈଦ୍ ବିନ୍ ସିମ୍ମାର ପୁତ୍ର ସଲ୍‌ମା ଥିଲା । ଅବୁ ମୁସା ଅଶ୍‌ଅରୀ ର.ଅ କୁହନ୍ତି ଯେ, ମୁଁ ଅବୁ ଆମିର୍‌ଙ୍କୁ ପଚାରିଲି ଯେ, ଆପଣଙ୍କୁ କିଏ ତୀର ମାରିଛି ? ପ୍ରତ୍ୟୁତ୍ତରରେ ସେ ଏକ ବ୍ୟକ୍ତି ଆଡ଼କୁ ଇଙ୍ଗିତ କଲେ ଏବଂ ମୁଁ ସେହି ବ୍ୟକ୍ତିର ପିଛା କଲି । ଫଳତଃ ସେହି ବ୍ୟକ୍ତି ଖସି ପଳାଇଲା ଏବଂ ମୋର  ଯୁଦ୍ଧ ପାଇଁ ଆମନ୍ତ୍ରଣ କରିବା ଯୋଗୁଁ ସେ ଅଟକି ରହିଲା । ଫଳତଃ ଆମେମାନେ ଖଡ଼୍‌ଗ ଚାଳନା କରିବାକୁ ଲାଗିଲୁ ଓ ମୁଁ ତା'ର ସଂହାର କରିଦେଲି । ମୁଁ (ହ. ଅବୁ ମୁସା ଅଶ୍‌ଅରୀ ର.ଅ) ଅବୁ ଆମିର୍ ର.ଅଙ୍କୁ କହିଲି, ହେ ଅବୁ ଆମିର୍ ! ଅଲ୍ଲାଃତାଲା ତୁମର ଶତ୍ରୁ ତଥା ତୁମର ହତ୍ୟାକାରୀକୁ ନର୍କଗାମୀ କରାଇ ଦେଇଛନ୍ତି । ଅବୁ ଆମିର୍ ମୋତେ କହିଲେ, ହେ ଅବୁ ମୁସା ଅଶ୍‌ଅରୀ ମୋ ଶରୀରରେ ଯେଉଁସବୁ ତୀର ବାଜିଛି ତାହାକୁ କାଢିଦିଅ । ହ. ଅବୁ ମୁସା ଅଶ୍‌ଅରୀ ର.ଅ ତୀର ଯେତେବେଳେ କାଢିଲେ ସେତେବେଳେ କ୍ଷତ ସ୍ଥାନରୁ ରକ୍ତସ୍ରାବ ହେବାକୁ ଲାଗିଲା । ତହିଁରୁ ଏହା ପ୍ରତିତ ହୁଏ ଯେ, କ୍ଷତ ଅତ୍ୟନ୍ତ ଗଭୀର ଥିଲା ଏବଂ ଜୀବନର ବର୍ତ୍ତମାନ କୌଣସି ଆଶା ଆଉ ନାହିଁ । ଅବୁ ମୁସା ଅଶଅରୀ ର.ଅ କୁହନ୍ତି ଯେ, ଅବୁ ଆମିର୍ ମୋତେ କହିଲେ, ହେ ଅବୁ ମୁସା ଅଶ୍‌ଅରୀ ! ତୁମେ ନବୀ କରୀମ୍ ସ.ଅଙ୍କ ପର୍ଯ୍ୟନ୍ତ ମୋର ସଲାମ୍ ପହଞ୍ଚାଇ ଦିଅ ଏବଂ ହୁଜୁର ସ.ଅଙ୍କ ସେବାରେ ମୋ ନିମନ୍ତେ ଇସ୍ତିଗ୍‌ଫାର୍ ଏବଂ ମୁକ୍ତି ନିମନ୍ତେ ଦୁଆ କରିବା ପାଇଁ ନିବେଦନ କରିବ । ସେହିପରି  ହେ ଅବୁ ମୁସା ଅଶ୍‌ଅରୀ ! ତୁମେ ନବୀ କରୀମ୍ ସ.ଅଙ୍କ ସେବାରେ ମୋର ଅଶ୍ୱ ଏବଂ ମୋର ଅସ୍ତ୍ର ମଧ୍ୟ ଉପସ୍ଥାପିତ କରିଦେବ । ଅତଏବ୍ ଏଥିସହିତ ହ. ଅବୁ ଆମିର୍ ର.ଅ ମୋତେ (ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ) ନିଜର ଉତ୍ତରାଧିକାରୀ (ସ୍ଥାନାପନ୍ନ) ନିଯୁକ୍ତ କଲେ ଏବଂ ଧ୍ୱଜା ମୋତେ ହସ୍ତାନ୍ତରେ କରିଦେଲେ । ଏହାପରେ ସେ କିଛି ସମୟରେ ପରେ ମୃତ୍ୟୁବରଣ କଲେ । ହ. ଅବୁ ମୁସା ଅଶ୍‌ଅରୀ ର.ଅ ସେମାନଙ୍କ ସହିତ ଯୁଦ୍ଧ କେଲେ ଏବଂ ଶତ୍ରୁ ପରାଜିତ ହୋଇ ସେଠାରୁ ପଳାୟନ କଲେ । ସେମାନଙ୍କର କିଛି ଲୋକ ନିହତ ହେଲେ ଏବଂ ଅବୁ ମୁସା ଅଶ୍‌ଅରୀ ର.ଅ ସେଠାରୁ ମଧ୍ୟ ମାଲେ ଗନିମତ୍ ଏବଂ ବନ୍ଦୀ ନେଇ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଗଲେ । ଅବୁ ମୁସା ଅଶ୍‌ଅରୀ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୁଁ  ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲି ସେତେବେଳେ ଆପଣ ସ.ଅ ରସ୍ସି ଦ୍ୱାରା ବୁଣା ହୋଇଥିବା ଏକ ଖଟ ଉପରେ ଶୋଇଥିଲେ । ସେହି ଖଟ ଉପରେ ବିଛଣା ଆଦି କିଛି ବି ନଥିଲା । କିନ୍ତୁ ବୁଖାରୀ ଓ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ସେହି ଖଟ ଉପରେ ବିଛଣା ମଧ୍ୟ ଥିଲା। କିନ୍ତୁ ବିଛଣା ବହୁତ ପତଳା ଥିଲା । ଏକ ଚଦର ଖଟ ଉପରେ ବିଛା ହୋଇଥିଲା। ସେହି ଖଟର ଦଉଡ଼ିର ଚିହ୍ନ ଆପଣ ସ.ଅଙ୍କ ପବିତ୍ର ଶରୀର ଉପରେ ପ୍ରକାଶିତ ହେଉଥିଲା। ହ. ଅବୁ ମୁସା ଅଶ୍‌ଅରୀ ର.ଅ କୁହନ୍ତି ଯେ, ମୁଁ ଔତାସ୍ ଯୁଦ୍ଧର ବିବରଣୀ ଓ ବୃତ୍ତାନ୍ତ ଆପଣ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ସ.ଅଙ୍କ ସେବାରେ ଉପସ୍ଥାପିତ କଲି ଏବଂ ହ. ଅବୁ ଆମିର୍ ର.ଅଙ୍କ ଶାହାଦତ୍‌ର ସବିଶେଷ ବିବରଣୀ (ବୃତ୍ତାନ୍ତ) ଆପଣ ସ.ଅଙ୍କୁ ପ୍ରଦାନ କରି ତାଙ୍କ ନିମନ୍ତେ ଦୁଆ କରିବାକୁ ନିବେଦନ ମଧ୍ୟ କଲି । ପ୍ରତ୍ୟୁତ୍ତରରେ ନବୀ କରୀମ ସ.ଅ ଜଳ ବରାଦ୍ କଲେ ଏବଂ ୱଜୁ କଲେ ଓ ପୁନଶ୍ଚ ଦୁଇ ହସ୍ତ ଉପରକୁ ପ୍ରସାରିତ (ଉଠାଇ) ଏହି ଦୁଆ କରି କହିଲେ, اَللّٰهُمَّ اغْفِرْ لِعُبَيْدٍ أَبِي عَامِرٍ ۔ اَللّٰهُمَّ اجْعَلْ يَوْمَ الْقِيَامَةِ فَوْقَ كَثِيْرٍ مِنْ خَلْقِكَ مِنَ النَّاسِ ଅର୍ଥାତ୍ ହେ ଅଲ୍ଲାଃ ! ଉବୈଦ୍ ଅବୁ ଆମିର୍‌ଙ୍କୁ କ୍ଷମା କରିଦିଅ ଓ ତାଙ୍କୁ ମୁକ୍ତି ପ୍ରଦାନ କର । ହେ ଅଲ୍ଲାଃ ! ପ୍ରଳୟ ଦିବସ ଦିନ ନିଜର ପ୍ରାଣୀମାନଙ୍କ ମଧ୍ୟରେ ଉବୈଦ୍ ଅବୁ ଆମିର୍‌ଙ୍କୁ ଲୋକମାନଙ୍କ ମଧ୍ୟରୁ ସର୍ବୋଚ୍ଚ ସ୍ଥାନର ଅଧିକାରୀ କରିବ । ଅବୁ ମୁସା ଅଶ୍‌ଅରୀ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୋ ପାଇଁ ମଧ୍ୟ ମୁକ୍ତି ଏବଂ କ୍ଷମାଯାଚନା ନିମନ୍ତେ ଦୁଆ କରନ୍ତୁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ ତାଙ୍କ ନିମନ୍ତେ ମଧ୍ୟ ଦୁଆ କରି କହିଲେ, اَللّٰهُمَّ اغْفِرْ لِعَبْدِ اللهِ بْنِ قَيْسٍ ذَنْبَهٗ وَأَدْخِلْهُ يَوْمَ الْقِيَامَةِ مُدْخَلًا كَرِيْمًا ଅର୍ଥାତ୍ ହେ ଅଲ୍ଲାଃ ଅବ୍‌ଦୁଲ୍ଲାଃ ବିନ୍ କୈସ ଅର୍ଥାତ୍ ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ପାପକୁ କ୍ଷମା କରିଦେବ ଓ ତାଙ୍କୁ ପ୍ରଳୟ ଦିବସ ଦିନ ସମ୍ମାନସ୍ୱଦ ମର୍ଯ୍ୟାଦା ପ୍ରଦାନ କରିବ । **(ସିରତି ଇବ୍‌ନେ ହିଶ୍ଶାମ୍, , ପୃ-772, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-206-207 ଏବଂ ଭାଗ-5, ପୃ-333 ଓ 339 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ, 2001 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-331-334, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-532-533, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996 ମସିହା) (ତାରିଖୁଲ୍ ଖମିସ୍, ଭାଗ-2, ପୃ-523, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2009 ମସିହା) (ବୁଖାରୀ କିତାବୁଲ୍ ମୁଗାଜି, ବାବ୍-ଗଜୱା ଔତାସ୍, ହଦିସ୍ ନଂ-4323)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରୀୟା ରହିଛି ଯାହାର ନାମ ସରିୟା ତୁଫୈଲ୍ ବିନ୍ ଅମ୍ର ଦୌସି ଅଟେ । ଏହି ସରୀୟା ଜୁଲ୍ କଫ୍ଫୈନ୍ ଠାରେ ହୋଇଥିଲା । ଏହାର ଚର୍ଚ୍ଚା ଏହିପରି ଯେ, ଉକ୍ତ ସରୀୟା ଶୱାଲ୍ 8 ହିଜ୍ରୀରେ ହୋଇଥିଲା । ଆଁହଜରତ ସ.ଅ ଯେତେବେଳେ ହୁନୈନ୍‌ରୁ ତାଏଫ୍ ଅଭିମୁଖେ ଯିବାକୁ ଲାଗିଲେ ସେତେବେଳେ ଆପଣ ସ.ଅ ତୁଫୈଲ୍ ଦୌସିଙ୍କୁ ଜୁଲ୍ କଫ୍ଫୈନ୍ ନାମକ ପିତୁଳାକୁ ଭୂମିସାତ୍ କରିବା ନିମନ୍ତେ ପ୍ରେରଣ କରିଥିଲେ । ହ. ତୁଫୈଲ୍ ଦୌସ ସଂପ୍ରଦାୟର ବ୍ୟକ୍ତି ଥିଲେ ଏବଂ ନିଜ ଜାତିର ଜଣେ ଉଚ୍ଚ କୋଟିର କବି ଏବଂ ତତ୍ତ୍ୱବିତ୍ ଓ ବିଦ୍ୱାନ୍ ଭାବରେ ଜଣାଶୁଣା ଥିଲେ । ସେ ମକ୍କାରେ ବାସ କରୁଥିବା ସମୟରେ ଆଁହଜରତ୍ ସ.ଅଙ୍କୁ ଦର୍ଶନ କଲେ ଏବଂ ସେହି ସମୟରେ ହିଁ ସେ ମୁସଲମାନ ହୋଇଯାଇଥିଲେ । ଏହା କୁହାଯାଏ ଯେ, ହୁନୈନ୍ ଯୁଦ୍ଧ ପରେ ସେ ସ୍ୱୟଂ ଆଁହଜରତ ସ.ଅଙ୍କୁ ଅନୁରୋଧ କଲେ ଯେ, ଜୁଲ୍ କଫ୍ଫୈନ୍ ନାମକ ପିତୁଳାକୁ ଖସାଇବା ନିମନ୍ତେ ସୈନ୍ୟ ପ୍ରେରଣ କରାଯାଉ । ତେଣୁ ଆଁହଜରତ ସ.ଅ ତୁଫୈଲ୍‌ଙ୍କୁ ଉକ୍ତ ଅଭିଯାନର ସେନାପତି ରୂପେ ନିଯୁକ୍ତ କଲେ ଏବଂ ତାଙ୍କୁ ଉପଦେଶ ଦେଲେ ଯେ, "ହେ ତୁଫୈଲ୍ ସମସ୍ତଙ୍କୁ ସଲାମ୍ କରିବ ଓ ସର୍ବତ୍ର ସଲାମ୍ ପ୍ରସାର କରିବ । ଅର୍ଥାତ୍ ସଲାମର ପ୍ରଥାକୁ ସର୍ବସାଧାରଣ କରିଦେବ । ଲୋକମାନଙ୍କୁ ଆହାର ଖୁଆଇବ । ସେମାନଙ୍କୁ ଭୋକିଲା ମାରିବ ନାହିଁ ତଥା ଅନାହାରରେ ମୃତ୍ୟୁବରଣ କରିବାକୁ ଦେବ ନାହିଁ । ଅଲ୍ଲାଃତାଲାଙ୍କ ଠାରୁ ଏପରି ଲଜ୍ଜା ଅନୁଭୂତ କରିବ ଯେପରିକି ଜଣେ ଶିଷ୍ଟ ବ୍ୟକ୍ତି ନିଜ ଘରର ଲୋକଙ୍କୁ ଦେଖି ଲାଜ ଅନୁଭବ କରିଥାଏ । ତୁମମାନଙ୍କ ଦ୍ୱାରା ଯେତେବେଳେ କୌଣସି ପାପ ହୋଇଯାଏ ସେତେବେଳେ ତୁମେମାନେ ତୁରନ୍ତ ପୁଣ୍ୟ କର୍ମ ସମ୍ପାଦନ କରିନିଅ । କାରଣ ପୁଣ୍ୟ କର୍ମ ପାପ କର୍ମକୁ ସମାପ୍ତ କରି ଦେଇଥାଏ ।"

ଆପଣ ସ.ଅ ଏହି ଉପଦେଶ ଦେଲେ ଏବଂ କହିଲେ, ହେ ତୁଫୈଲ୍, ତୁମେ ନିଜ ଜାତିର ଲୋକମାନଙ୍କୁ ସାଙ୍ଗରେ ନେବ ଓ ଉକ୍ତ କାର୍ଯ୍ୟ ସମ୍ପନ୍ନ କରି ତାଏଫ୍ ଚାଲି ଆସିବ । ସୁତରାଂ ହ. ତୁଫୈଲ୍ ର.ଅ ନିଜର ଜାତିରୁ 400 ଜଣ ସଦସ୍ୟଙ୍କୁ ସାଙ୍ଗରେ ନେଲେ ଏବଂ କାଠ ଦ୍ୱାରା ନିର୍ମିନତ ପିତୁଳାକୁ ନିଆଁ ଲଗାଇ ପୋଡ଼ିଦେଲେ । ପୋଡ଼ିବା ସମୟରେ ଏହି କବିତା ପାଠ କଲେ ଯେ, ହେ ଜୁଲ୍ କଫ୍ଫୈନ୍ ମୁଁ ତୋର ଉପାସକଙ୍କ ମଧ୍ୟରୁ ନୁହେଁ । କାରଣ ତୋତେ ତ' ଗଢା ଯାଇଛି ଏବଂ ମୋର ଜନ୍ମ ତୋ ଜନ୍ମ ଠାରୁ ଢେର୍ ପୂର୍ବେ ହୋଇଛି । ଦେଖ୍ ! ମୁଁ ତୋ ଭିତରେ, ବାହାରେ ସମସ୍ତ ଅସ୍ତିତ୍ୱରେ ଅଗ୍ନି ଶିଖା ସଂଯୋଗ କରିଦେଇଛି । ଉକ୍ତ ଅଭିଯାନ ସଫଳତାର ସହିତ ସମ୍ପାଦନ ହେବା ପରେ ହ. ତୁଫୈଲ୍ ତାଏଫ୍ ଫେରି ଆସିଲେ । ହୁଜୁର ସ.ଅଙ୍କୁ ମଧ୍ୟ ତାଏଫ୍ ପହଞ୍ଚିବାକୁ ଚାରି ଦିନ ହୋଇଥିଲା । ହ. ତୁଫୈଲ୍ ର.ଅ ନିଜ ସହିତ 400 ଜଣ ସଦସ୍ୟ ବିଶିଷ୍ଟ ବୀର ଯୋଦ୍ଧାମାନଙ୍କୁ ଆଣିଥିଲେ । ସେତେବେଳର ପରିସ୍ଥିତି ଏବଂ ଅବସ୍ଥା ଅନୁଯାୟୀ ଏହି ସୈନ୍ୟବାହିନୀ ନୂତନ ଯୁଦ୍ଧାସ୍ତ୍ର ଅର୍ଥାତ୍ ମୁନ୍‌ଜନିକ୍ ଏବା ଦବ୍‌ବାବା ମଧ୍ୟ ଆଣିଥିଲେ । ମୁନ୍‌ଜନିକ୍ ଏକ ପ୍ରକାରର ଅସ୍ତ୍ର ଉପକରଣ ଅଟେ । ଏହି ଅସ୍ତ୍ରୋପକରଣ ଦ୍ୱାରା ଶତ୍ରୁ ଉପରେ ବଡ଼ ବଡ଼ ପଥର ଫିଙ୍ଗା ଯାଉଥିଲା । ଅର୍ଥାତ୍ ତୋପ ପରି ଏକ ଯୁଦ୍ଧାସ୍ତ୍ର । ସେହିପରି ଦବ୍‌ବାବା କାଠ ତିଆରି ଏକ ଶକ୍ତ ବନ୍ଦ ଗାଡ଼ି ସଦୃଶ ଡବା ଅଟେ । ଯେପରି ସେନାରେ ଟ୍ୟାଙ୍କର ରହିଛି । ସେହିପରି ଏହି ଗାଡ଼ି ଏକ ବନ୍ଦ୍ ଗାଡ଼ି ଅଟେ । ସେହି କାଳରେ ଉକ୍ତ ବାହନ ତଳ ମଧ୍ୟ ଦେଇ ଅନେକ ଲୋକମାନେ ପଶି ଦୁର୍ଗର ପ୍ରାଚୀର ପର୍ଯ୍ୟନ୍ତ ପହଞ୍ଚି ଯାଉଥିଲେ ଏବଂ ଶତ୍ରୁର ଆକ୍ରମଣରୁ ସୁରକ୍ଷିତ ରହୁଥିଲେ । ପ୍ରାଚୀର ମଧ୍ୟରେ କଣା କରି ଦୁର୍ଗ ମଧ୍ୟରେ ପ୍ରବେଶ କରୁଥିଲେ । ଉକ୍ତ ଅସ୍ତ୍ର ପ୍ରଥମ ଥର କରି ତାଏଫ୍ ଯୁଦ୍ଧରେ ପ୍ରୟୋଗ ହୋଇଥିଲା । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-337-339, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଅତ୍ ତବକାତୁଲ୍ କୁବ୍ରା, ଭାଗ-2, ପୃ-119-120, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1990 ମସିହା)(ଜୀବନୀ ଶବ୍ଦକୋଷ, ପୃ-120, ଜୱାର୍ ଏକାଡ଼େମୀ କରାଚୀ, 2003 ମସିହା) (ଫିରୋଜୁଲ୍ ଲୁଗାତ୍, ପୃ-1291, ନୁନ୍ ଶବ୍ଦ, ଫିରୋଜ୍ ଆଣ୍ଡ ସନ୍‌ସ୍, ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାଏଫ୍ ଯୁଦ୍ଧ 8 ହିଜ୍ରୀରେ ହେଲା । ଏହାର ଇତିହାସ ଏହିପରି ଯେ, ତାଏଫରୁ ମକ୍କାର ପୂର୍ବ ଦିଗରେ ପ୍ରାୟ 90 କି.ମି ଦୂରତାରେ ଏକ ସହର ଅବସ୍ଥିତ ଅଟେ । ତାଏଫ୍ ଅତ୍ୟନ୍ତ ଶକ୍ତ ଭୂମି ତଥା ଶକ୍ତ ଚଟ୍ଟାଣ ଥିଲା । ଉକ୍ତ ଭୂମିକୁ ତାଏଫ୍ ଏଇଥି ପାଇଁ କୁହାଯାଏ ଯେ, ଏହାର ଚତୁର୍ପାର୍ଶ୍ୱରେ ସୁରକ୍ଷା ନିମନ୍ତେ ଚାରି କାନ୍ଥ ରହିଥିଲା । ଏଠାରେ ସକିଫ୍ ସଂପ୍ରଦାୟ ବାସ କରୁଥିଲା । ଏହି ସଂପ୍ରଦାୟ ଅତ୍ୟନ୍ତ ବୀର ଓ ସାହସୀ ଥିଲା । ଉକ୍ତ ସଂପ୍ରଦାୟ ସମଗ୍ର ଆରବ ସଂପ୍ରଦାୟର ଅନନ୍ୟ ଏବଂ କୁରୈଶ୍‌ମାନଙ୍କର ସମକକ୍ଷ ଥିଲା । ସକିଫ୍ ସଂପ୍ରଦାୟ ଅଧିପତି ଉର୍‌ୱାହା ବିନ୍ ମସ୍‌ଉଦ୍ ଥିଲା । ଉର୍‌ୱା ବିନ୍ ମସ୍‌ଉଦ୍‌ର ବିବାହ ଅବୁ ସୁଫିୟାନ୍‌ର କନ୍ୟା ସହିତ ହୋଇଥିଲା । ମକ୍କାର ଅବିଶ୍ୱାସକାରୀମାନେ କହୁଥିଲେ ଯେ, ପବିତ୍ର କୁରଆନ୍ କରୀମ୍ ମୁହମ୍ମଦ୍ ସ.ଅଙ୍କ ବଦଳରେ ଯଦି ଅବତୀର୍ଣ୍ଣ ହୋଇଥାନ୍ତା ତେବେ ମକ୍କା ଏବଂ ତାଏଫ୍‌ର ଅଧିପତିମାନଙ୍କ ଉପରେ ଅବତୀର୍ଣ୍ଣ ହୋଇ ଥାଆନ୍ତା କି । ଅର୍ଥାତ୍ ସେମାନେ କହୁଥିଲେ ଯେ, ପବିତ୍ର କୁରଆନ୍ କରୀମ୍ ଆଁହଜରତ୍ ସ.ଅ ସ୍ଥାନରେ ମକ୍କା ଓ ତାଏଫ୍‌ର ଅଧିପତିମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ଉପରେ ଅବତୀର୍ଣ୍ଣ ହୋଇଥାଆନ୍ତା କି । ବଡ଼ ବଡ଼ ଜ୍ଞାନୀ ଗୁଣୀ ଓ ବିଦ୍ୱାନ୍ ବୁଦ୍ଧିଜୀବୀମାନେ ଏହି ଦୁଇ ସ୍ଥାନରେ ବାସ କରନ୍ତି । ଏଠାକାର ଲୋକମାନେ ଯୁଦ୍ଧକୌଶଳ ସହିତ ମଧ୍ୟ ଭଲ ଭାବରେ ପରିଚିତ ଥିଲେ । ସେ ଯାହାହେଉ ଏଠାରେ ଏକ ମଜ୍‌ଭୂତ ଦୁର୍ଗ ଥିଲା । ସହରବାସୀମାନେ ବର୍ଷ ତମାମ୍‌ର ଜିନିଷ ପତ୍ର ଏକତ୍ରିତ କଲେ । ଚତୁର୍ପାର୍ଶ୍ୱରେ ମୁନଜନିକ୍ ଏବଂ ନାନା ସ୍ଥାନରେ ଧନୁର୍ଦ୍ଧରମାନଙ୍କୁ ସେଠାରେ ମୁତୟନ କରାଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧ ବାସ୍ତବରେ ହୁନୈନ୍ ଯୁଦ୍ଧର ହିଁ କ୍ରମିକତା ଓ ଅଂଶବିଶେଷ ଅଟେ । କାରଣ ହୱାଜିନ୍ ସଂପ୍ରଦାୟ ଏବଂ ସକିଫ୍ ସଂପ୍ରଦାୟର ଅଧିକାଂଶ ପରାଜିତ ସଦସ୍ୟମାନେ ନିଜର ମାଲିକ୍ ବିନ୍ ଔଫ୍ ନସରୀଙ୍କ ସହିତ ପଳାୟନ କରି ଚାଲି ଆସିଥିଲେ ଏହିଠାରେ ହିଁ ଆସି ଦୁର୍ଗ ମଧ୍ୟରେ ନିଜକୁ ବନ୍ଦ୍ କରି ନେଇଥିଲେ । ଅତଏବ୍ ରସୁଲୁଲ୍ଲାଃ ସ.ଅ ହୁନୈନ୍ ଯୁଦ୍ଧ କରିବା ସାରିବା ପରେ ସମସ୍ତ ଧନ ମାଲେ ଗନିମତ୍ ଏବଂ ଛଅ ହଜାରରୁ ଉର୍ଦ୍ଧ୍ୱ ବନ୍ଦୀ ଦାସ ଏବଂ ଦାସୀମାନେ ମକ୍କା ନିକଟବର୍ତ୍ତୀ ଏକ ଉପତ୍ୟକା ଯାହାର ନାମ ଜିରାନା ଥିଲା ସେଠାରେ ପ୍ରେରଣ କଲେ ଏବଂ ସ୍ୱୟଂ ତାଏଫ୍ ଯିବା ନିମନ୍ତେ ସ୍ଥିର କଲେ । ଜିରାନା ମକ୍କା ଏବଂ ତାଏଫ୍ ମାର୍ଗ ନିକଟବର୍ତ୍ତୀ ଏକ କୂପର ନାମ ଅଟେ । ମକ୍କା ଠାରୁ ଏହାର ଦୂରତା ପ୍ରାୟ 17 ମାଇଲ୍ ଅଟେ । ମାଲେ ଗନିମତ୍ ଉପରେ ଆପଣ ସ.ଅ ବୁଦୈଲ୍ ବିନ୍ ୱର୍କା କିମ୍ବା ମସ୍‌ଉଦ୍ ବିନ୍ ଅମ୍ର ଗିଫାରୀ ର.ଅଙ୍କୁ ନିରୀକ୍ଷକ ରୂପେ ନିଯୁକ୍ତ କରିଥିଲେ । **(ସିରତୁନ୍ ନବୀ ସ.ଅ, ଲେଖକ- ଶିବ୍‌ଲୀ, ନୁମାନୀ, ଭାଗ-1, ମକତବା ଇସ୍‌ଲାମିୟାହ୍ 2012 ମସିହା) (ଅର୍ ରହିକୁଲ୍ ମଖ୍‌ତୁମ୍, ପୃ-567, ଅଲ୍ ମକ୍‌ତବତୁସ୍ ସିଫ୍‌ଲିୟାହ୍, ଲାହୋର, 2002 ମସିହାରୁ ଉଦ୍ଧୃତ) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-206-207 ଏବଂ ଭାଗ-5, ପୃ-338-339, ମକତବା ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ, 1993 ମସିହା) (ଜୀବନୀ ଶବ୍ଦକୋଷ, ପୃ-178-188, ଜୱାର୍ ଏକାଡ଼େମୀ କରାଚୀ, 2003 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଆଁହଜରତ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ସେନାପତିତ୍ୱରେ ଏକ ହଜାର ସୈନ୍ୟବାହିନୀ ଆଗେ ପ୍ରେରଣ କଲେ । ସେ ସେଠାରେ ପହଞ୍ଚି ଦୁର୍ଗବାସୀନ୍ଦାମାନଙ୍କ ସହିତ ଅର୍ଥାତ୍ ତାଏଫ୍

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ବାସୀନ୍ଦାମାନଙ୍କ ସହିତ କଥାବାର୍ତ୍ତା ଏବଂ ଚର୍ଚ୍ଚା କରିବା ନିମନ୍ତେ ଚେଷ୍ଟା କଲେ । କିନ୍ତୁ ଦୁର୍ଗ ବାସୀନ୍ଦାମାନେ କୌଣସି ବିଷୟରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତ ବା ରାଜି ହେଲେ ନାହିଁ। ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ପ୍ରେରଣ କରିବା ପରେ ଆଁହଜରତ ସ.ଅ ସ୍ୱୟଂ ମଧ୍ୟ ତାଏଫ୍ ଅଭିମୁଖେ ବାହାରିଲେ । ସେହି ରାସ୍ତାରେ ଯାଇଥିବା ଅଭିଜ୍ଞ ପଥ ପ୍ରଦର୍ଶକମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ଥିଲେ । ଏମାନେ ସୈନ୍ୟବାହିନୀର ଆଗେ ଆଗେ ଚାଲୁଥିଲେ । ବାଟରେ ହୁନୈନ ଠାରେ ଶତ୍ରୁ ପକ୍ଷର ସେନାପତି ମାଲିକ୍ ବିନ୍ ଔଫ୍‌ର ଏକ ଦୁର୍ଗ ଥିଲା । ଆପଣ ସ.ଅ ପଚାରିଲେ ଯେ, ହେ ସାହାବାମାନେ ! ବର୍ତ୍ତମାନ ଉକ୍ତ ଦୁର୍ଗରେ କେହି ରହୁଛନ୍ତି ନା ନାହିଁ ? ଆଁହଜରତ୍ ସ.ଅଙ୍କୁ ଏହା କୁହାଗଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ଦୁର୍ଗଟି ବର୍ତ୍ତମାନ ଜନଶୂନ୍ୟ ଅଟେ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ତାହାହେଲେ ଉକ୍ତ ଦୁର୍ଗକୁ ଭୂମିସାତ୍ କରିଦିଅ । ଅତଏବ୍ ଆଁହଜରତ୍ ସ.ଅଙ୍କ ଆଦେଶ ମତେ ଉକ୍ତ ଦୁର୍ଗକୁ ଭୂମିସାତ କରି ଦିଆଗଲା । ପୁନଶ୍ଚ ଯାତ୍ରା ଜାରି ରଖି ଆପଣ ସ.ଅ ତାଏଫ୍ ପହଞ୍ଚିଲେ ଏବଂ ଦୁର୍ଗ ନିକଟବର୍ତ୍ତୀ ସ୍ଥାନରେ ଶିବିର ସ୍ଥାପନ କରି ଦୁର୍ଗର ଘେରାଉ କରିନେଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-382 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ, 2001 ମସିହା) (ଅର୍ ରହିକୁଲ୍ ମଖ୍‌ତୁମ୍, ପୃ-567, ଅଲ୍ ମକ୍‌ତବତୁସ୍ ସିଫ୍‌ଲିୟାହ୍, ଲାହୋର, 2002 ମସିହାରୁ ଉଦ୍ଧୃତ) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9 ପୃ-305, ମକ୍‌ତବା ଦାରୁସ୍ ସଲାମ୍) (କିତାବୁଲ୍ ମୁଗାଜି, ଲିଲ୍‌ୱାକିଦି, ଭାଗ-3, ପୃ-924-925, ଆଲିମୁଲ୍ କୁତୁବ୍-1984) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-347, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାଏଫ୍ ବାସୀ ଦୀର୍ଘ ଦିନ ଧରି ଯୁଦ୍ଧର ପ୍ରସ୍ତୁତି କରୁଥିଲେ । ସେମାନେ ସେମାନେ ଦୁର୍ଗ ନିର୍ମାଣ ଓ ମରାମିତ ମଧ୍ୟ କଲେ ଓ ଗୋଟିଏ ବର୍ଷର ଖାଦ୍ୟ ଶସ୍ୟ ଇତ୍ୟାଦି ମଧ୍ୟ ଏକତ୍ରିତ କରି ନେଇଥିଲେ ହୁନୈନ୍ ଭୂମିରେ ଅନାଶାତିତ (ଅପ୍ରତ୍ୟାଶିତ) ପରାଜୟ ବରଣ କରି ଯେତେ ଲୋକମାନେ ପଳାୟନ କରି ପାରୁଥିଲେ ସେମାନେ ସମସ୍ତେ ପଳାୟନ କରି ସେହି ନିର୍ମିତ ଦୁର୍ଗ ମଧ୍ୟରେ ଆଶ୍ରୟ ନେଲେ ଏବଂ ଦୁର୍ଗର ମୁଖ୍ୟ ଦ୍ୱାରକୁ ବନ୍ଦ୍ କରିଦିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-382 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ, 1993 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9 ପୃ-309, ମକ୍‌ତବା ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନବୀ କରୀମ୍ ସ.ଅ ପ୍ରାରମ୍ଭିକ ପର୍ଯ୍ୟାୟରେ ତାଏଫ୍ ନିକଟବର୍ତ୍ତୀ ସ୍ଥାନରେ ଶିବିର ସ୍ଥାପନ କଲେ । ବର୍ତ୍ତମାନ ସୈନ୍ୟବାହିନୀ ସଂପୂର୍ଣ୍ଣ ରୂପେ ସେଠାରେ ଶିବିର ସ୍ଥାପନ କରି ନଥିଲା କି ଦୁର୍ଗ ମଧ୍ୟରୁ ଧନୁର୍ଦ୍ଧରମାନେ ତୀର ବର୍ଷଣ କରି ଅନେକ ମୁସଲମାନମାନଙ୍କୁ ଆହତ କରିଦେଲେ । ଇତି ମଧ୍ୟରେ ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ସ୍ଥାନ ଆମମାନଙ୍କ ଶିବିର ସ୍ଥାପନ ନିମନ୍ତେ ଉଚିତ୍ ସ୍ଥାନ ନୁହଁ । କାରଣ ତାଏଫ୍‌ର ଅଭିଜ୍ଞ ଧନୁର୍ଦ୍ଧରମାନେ ଏଠାରେ ଅଛନ୍ତି ଏବଂ ସେମାନଙ୍କର ତୀର ଦୂର ପର୍ଯ୍ୟନ୍ତ ପହଞ୍ଚିଥାଏ । ସୁତରାଂ ଆପଣ ସ.ଅ ହ. ହୁବାବ୍ ବିନ୍ ମୁନ୍‌ଜର୍ ର.ଅଙ୍କୁ କହିଲେ, ହେ ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ! ଆପଣ ଏକ ସୁରକ୍ଷିତ ତଥା ଉଚିତ୍ ସ୍ଥାନ ଚୟନ କରନ୍ତୁ ଯେଉଁଠି ଆମେମାନେ ଶିବିର ସ୍ଥାପନ କରିବା । ସୁତରାଂ ଏକ ନୂତନ ସ୍ଥାନକୁ ସୈନ୍ୟବାହିନୀ ସ୍ଥାନାନ୍ତରିତ ହୋଇଗଲା । ଘେରାଉ ସମୟରେ ଉଭୟ ପକ୍ଷର ଧନୁର୍ଦ୍ଧରମାନେ ତୀର ବର୍ଷଣ ଓ ପଥର ଫିଙ୍ଗିବାର ଘଟଣା ମଧ୍ୟ ଘଟିଥିଲା । ଉକ୍ତ ପରିସ୍ଥିତି ଆୟତ୍ତ କରିବା ନିମନ୍ତେ ଆଁହଜରତ ସ.ଅ ମୁନ୍‌ଜମିକ୍ ନାମକ ଅସ୍ତ୍ର ପ୍ରୟୋଗ କରି ତାଏଫ୍ ବାସୀଙ୍କ ଉପରେ ବଡ଼ ବଡ଼ ପଥର ଖଣ୍ଡ ଫିଙ୍ଗିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁନ୍‌ଜମିକ୍ ସଂପର୍କରେ ମୁଁ ପୂର୍ବେ ବର୍ଣ୍ଣନା କରି ସାରିଛି ଯେ, ମୁନ୍‌ଜମିକ୍ ହ. ତୁଫୈଲ୍ ଦୌସୀ ର.ଅ ସରୀୟା ଜୁଲ୍ କଫୈନ୍‌ରୁ ଫେରିବା ସମୟରେ ନିଜ ସହିତ ଆଣିଥିଲେ। ପଥର ଫିଙ୍ଗିବା ଦ୍ୱାରା ହିଁ ଗୋଟିଏ ଦିନରେ ହିଁ ଦୁର୍ଗର ପ୍ରାଚୀର୍ (କାନ୍ଥରେ)ରେ କଣା ହୋଇଗଲା। ସୁତରାଂ ମୁସଲମାନମାନଙ୍କ ଏକ ଗୋଷ୍ଠୀ ଦବ୍‌ବାବାଙ୍କ ସାହାଯ୍ୟରେ ଦୁର୍ଗର ପ୍ରାଚୀର ଆଡ଼କୁ ଅଗ୍ରସର ହେଲେ। ଉକ୍ତ ମୁନ୍‌ଜମିକ୍ ଏକ ବାକ୍ସ ସଦୃଶ ଥିଲା ଏବଂ ଲୋକମାନଙ୍କୁ ଯହିଁରେ ସରୁକ୍ଷିତ ରଖା ଯାଇପାରୁଥିଲା । କାରଣ ଉକ୍ତ ବାକ୍ସ ସହାୟତରେ ଆଗକୁ ଅଗ୍ରସର ହୋଇ ଦୁର୍ଗ ମଧ୍ୟରେ ପ୍ରବେଶ କରାଯାଇ ପାରିବ । କିନ୍ତୁ ମୁସଲମାନମାନେ ଯେତେବେଳେ ଆଗକୁ ଅଗ୍ରସର ହେଲେ ସେତେବେଳେ ଦୁର୍ଗବାସୀନ୍ଦାମାନେ ମୁସଲମାନମାନଙ୍କ ଉପେରେ ଜଳୁଥିବା ଲୌହ ଖଣ୍ଡ ଫିଙ୍ଗିବା ଆରମ୍ଭ କରିଦେଲେ। ଦବ୍‌ବାବାରେ ଏକ ପ୍ରକାରର ଚମଡ଼ା ପ୍ରୟୋଗ ହୋଇଥାଏ । ଫଳତଃ ନିଆଁ ଲାଗିଗଲା ଏବଂ ଦବ୍‌ବାବା ତଳେ ଯେଉଁ ମୁସଲମାନମାନେ ଲୁଚିଥିଲେ ସେମାନଙ୍କୁ ବାହାରିବାକୁ ପଡ଼ିଲା ଏବଂ ଯେମିତି ସେମାନେ ବାହାରକୁ ବାହାରିଲେ ସେତେବେଳେ ତାଏଫ୍‌ବାସୀମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ। ଅର୍ଥାତ୍ ମୁସଲମାନେ ତୀର ବର୍ଷଣ କଲେ । ସେହି ମୁସଲମାନମାନଙ୍କ ମଧ୍ୟରୁ ଅନେକ ମୁସଲମାନମାନେ ଶହୀଦ୍ ହୋଇଗଲେ । ଇତି ମଧ୍ୟରେ ଏକଦା ଆଁହଜରତ ସ.ଅ ତାଏଫ୍‌ବାସୀଙ୍କର ଅଙ୍ଗୁର ଉଦ୍ୟାନକୁ କାଟିବା ନିମନ୍ତେ ଆଦେଶ ଦେଲେ । ମୋ ମତରେ ଏହି ଯୋଜନାଟି ଶେଷ ଅସ୍ତ୍ର ଥିଲା । ଏହି ପନ୍ଥା ଆଁହଜରତ ସ.ଅ ତାଏଫ୍‌ବାସୀଙ୍କୁ ଡରାଇବା ନିମନ୍ତେ ବ୍ୟବହାର କରିଥିଲେ । ଉକ୍ତ ପନ୍ଥାକୁ ପରବର୍ତ୍ତୀ କାଳରେ ସମାପ୍ତ କରି ଦିଆଯାଇଥିଲା । ପ୍ରଥମେ ତ' ଦୁର୍ଗବାସୀମାନେ ଏହା କହିଲେ, ହେ ମୁହମ୍ମଦ୍ ସ.ଅ ! ଆପଣ ଯଦି ଆମମାନଙ୍କର ଉଦ୍ୟାନ ଜାଳିବାକୁ ଚାହୁଁଛନ୍ତି ତେବେ ଜାଳି ଦିଅନ୍ତୁ। ଆପଣ ସ.ଅ ଆମମାନଙ୍କର ମୃତ୍ତିକା (ମାଟି) ଓ ଜଳ (ପାଣି)କୁ ତ' ସାଙ୍ଗରେ ନେଇ ଯାଇପାରିବେ ନାହିଁ । ଦୁର୍ଗବାସୀମାନେ ନିଜ ଅଞ୍ଚଳର ଉର୍ବରତା ଉପରେ ବେଶ୍ ଅହଂକାର ପ୍ରଦର୍ଶନ କରୁଥିଲେ । ସେମାନେ କହିଲେ, ହେ ମୁହମ୍ମଦ୍ ସ.ଅ ! ଆପଣ ଯଦି ଆମର ଚାଷ ତଥା ଉଦ୍ୟାନ ନଷ୍ଟ କରିଦେବେ ତେବେ ଆମେମାନେ ପୁଣି ଚାଷ କରିନେବୁ । ଆମେମାନେ ଡରିବୁ ନାହିଁ। କିନ୍ତୁ ଆଁହଜରତ ସ.ଅ ଯେତେବେଳେ ପ୍ରକୃତର ଉଦ୍ୟାନକୁ ନଷ୍ଟ କରିବା ଆରମ୍ଭ କଲେ । ଆଁହଜରତ ସ.ଅ କହିଲେ, ଆଛା ତୁମର କୌଣସି କ୍ଷତି ହେବ ନାହିଁ ତେବେ ନିଅ ଆମେମାନେ ତୁମମାନଙ୍କର ଉଦ୍ୟାନକୁ କାଟି ଦେଉଛୁ । ଏପରି କହି ଆଁହଜରତ ସ.ଅ ଯେତେବେଳେ ଉଦ୍ୟାନ କାଟିବାକୁ ଲାଗିଲେ ସେତେବେଳେ ତାଏଫ୍‌ର ଜଣେ ଅଧିପତି ଯାହାର ନାମ ସୁଫିୟାନ୍ ବିନ୍ ଅବ୍‌ଦୁଲ୍ଲାଃ ଥିଲା, ସେ ଆଁହଜରତ ସ.ଅଙ୍କୁ ଏହି ଅନୁରୋଧ କଲା କି ହେ ମୁହମ୍ମଦ୍ ସ.ଅ ଆପଣ ଆମମାନଙ୍କର ଉଦ୍ୟାନ ଓ ଫସଲ୍‌କୁ କାହିଁକି ନଷ୍ଟ କରୁଛନ୍ତି। ଆପଣ ଯଦି ଆମମାନଙ୍କ ଉପରେ ବିଜୟ ପ୍ରାପ୍ତ କରି ନିଅନ୍ତି ତେବେ ଏସବୁ ଆପଣ ସ.ଅଙ୍କର ହୋଇଯିବ, ଅନ୍ୟଥା ଭଗବାନଙ୍କ ସକାଶେ ଆମ ପ୍ରତି ସଦୟ ହୁଅନ୍ତୁ ଓ ଆପଣ ଏପରି କରନ୍ତୁ ନାହିଁ। ସେ (ସୁଫିୟାନ୍ ବିନ୍ ଅବ୍‌ଦୁଲ୍ଲାଃ) ଏହି ନିବେଦନ କଲା ଯେ, ଅଲ୍ଲାଃତାଲାଙ୍କ ସକାଶେ ଆପଣ ଆମମାନଙ୍କ ଉପରେ ଦୟା କରନ୍ତୁ ଅବା ନକରନ୍ତୁ। ମକ୍କାର କୁରୈଶ୍‌ମାନଙ୍କର ଅନେକ ସଂପର୍କୀୟମାନେ ତାଏଫ୍‌ବାସୀଙ୍କ ପରିଜନ ତଥା ଆତ୍ମୀୟ ସ୍ୱଜନ ଥିଲେ । ଯଦି ଏହି ଆତ୍ମୀୟ ସ୍ୱଜନର ସଂପର୍କ ନଥାଆନ୍ତା ତେବେ ମଧ୍ୟ ଆଁହଜରତ ସ.ଅ ନିଜର ଯେଉଁ ସର୍ବୋଚ୍ଚ ଆଦର୍ଶ ରହିଥିଲା ତାହା ଆପଣ ସ.ଅ ଅବଶ୍ୟ ପ୍ରଦର୍ଶନ କରି ଥାଆନ୍ତେ । ଅର୍ଥାତ୍ ଆପଣ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶ ଏହା ଥିଲା ଆପଣ କୌଣସି ଜାତି କିମ୍ବା କୌଣସି ବ୍ୟକ୍ତି ତଥା ସୈନ୍ୟବାହିନୀ ପ୍ରତି କଠୋରତା ପ୍ରଦର୍ଶନ କରୁ ନଥିଲେ । ସୁତରାଂ ସୁଫିୟାନ୍‌ର ଏହି ଅନୁରୋଧ କ୍ରମେ ସେମାନଙ୍କର ଉଦ୍ୟାନକୁ ଆପଣ ସ.ଅ ଛାଡ଼ି ଦେଲେ ନଷ୍ଟ କଲେ ନାହିଁ କି କଟାକଟି କଲେ ନାହିଁ । **(ସିରତୁନ୍ ନବୀ ଲିଇବ୍‌ନି ହିଶ୍ଶାମ୍, ପୃ-793, ଅତ୍‌ତରିକୁ ଇଲତ୍ ତାଇଫି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2001 ମସିହାରୁ ଉଦ୍ଧୃତ) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ, ଭାଗ-4, ପୃ-10, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996 ମସିହାରୁ ଉଦ୍ଧୃତ)(ହୁନୈନ୍ ଯୁଦ୍ଧ, ଲେଖକ-ବାଶ୍‌ମିଲ୍, ପୃ-227-229, 242, ନଫିସ୍ ଏକାଡ଼େମୀରୁ ଉଦ୍ଧୃତ) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-349, ବଜ୍‌ମେ ଇକ୍‌ବାଲ୍ ଲାହୋର୍)(ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9 ପୃ-312, ମକତବା ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ଏବଂ ସାହାବାମାନେ 15 ଦିନ୍ ଅର୍ଥାତ୍ ଅର୍ଦ୍ଧମାସ ପର୍ଯ୍ୟନ୍ତ କିମ୍ବା ଏହାଠୁ ବି ବେଶୀ ଦିନ ପର୍ଯ୍ୟନ୍ତ ତାଏଫ୍‌ବାସୀଙ୍କ ସହିତ ଯୁଦ୍ଧରେ ବ୍ୟସ୍ତ ରହିଥିଲେ । କିନ୍ତୁ ତାଏଫ୍‌ବାସୀମାନଙ୍କ ମନରେ ବାସ୍ତବରେ ହୁନୈନ୍ ଯୁଦ୍ଧର ପରାଜୟର ଭୟ ଏପରି ଭାବରେ ପ୍ରସାରିତ ହୋଇଯାଇଥିଲା ଯେ, ସେମାନେ ଦୁର୍ଗ ଭିତରେ ରହି ଲୁଚୁଥିଲେ । ବାହାରକୁ ବାହାରୁ ନଥିଲେ । ଇତି ମଧ୍ୟରେ ସେମାନଙ୍କର ଜଣେ ବ୍ୟକ୍ତି ବି ଦୁର୍ଗ ବାହାରକୁ ଆସି ଯୁଦ୍ଧ କଲା ନାହିଁ । ଅର୍ଥାତ୍ ଦୁର୍ଗ ବାହାରେ ଆସି ଯୁଦ୍ଧ କଲା ନାହିଁ । **(ତାରିଖୁତ୍ ତବ୍ରୀ, ଭାଗ-2, ପୃ-171, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1987 ମସିହା)(ହୁନୈନ୍ ଯୁଦ୍ଧ, ଲେଖକ-ବାଶ୍‌ମିଲ୍, ପୃ-244, ନଫିସ୍ ଏକାଡ଼େମୀରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏପର୍ଯ୍ୟନ୍ତକି ଏକଦା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଯୁଦ୍ଧ ଭୂମିରୁ ବାହାରି ସକିଫ୍‌ର ବୀରମାନଙ୍କୁ ଚ୍ୟାଲେଞ୍ଜ୍ କଲେ ଏବଂ ଯୁଦ୍ଧ ନିମନ୍ତେ

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ଆମନ୍ତ୍ରିତ କଲେ । କିନ୍ତୁ ବାରମ୍ବାର ଡାକିବା ସତ୍ତ୍ୱେ ମଧ କେହି ବି ବାହାରକୁ ବାହାରିଲା ନାହିଁ । ଏପର୍ଯ୍ୟନ୍ତକି ସକିଫ୍‌ର ସର୍ଦ୍ଦାର (ଅଧିପତି) ଅବ୍‌ଦେ ୟାଲିଲ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଉଚ୍ଚ ସ୍ୱରରେ କହିଲେ, ଆମମାନଙ୍କ ମଧ୍ୟରୁ କେହି ବି ତୁମ ବିପକ୍ଷରେ ଆସିବ ନାହିଁ । ଆମେମାନେ ନିଜ ଦୁର୍ଗ ମଧ୍ୟରେ ସୁରକ୍ଷିତ ଅଛୁ ଏବଂ ବର୍ଷ ଯାକର ଖାଦ୍ୟଶସ୍ୟ ଆମେମାନେ ଗଚ୍ଛିତ କରି ରଖିଛୁ । ତେଣୁ ଆମମାନଙ୍କୁ କୌଣସି ଅସୁବିଧା ଓ ଚିନ୍ତା ନାହିଁ । ଇତି ମଧ୍ୟରେ ଏକଦା ହ. ୟଜିଦ୍ ବିନ୍ ଜମ୍‌ଆ ଦୁର୍ଗବାସୀନ୍ଦାଙ୍କ ସହିତ କଥାବାର୍ତ୍ତା କରିବା ନିମନ୍ତେ କହିଲେ, ଯେ, ଯଦି ତୁମେମାନେ ମୋତେ ଶାନ୍ତି ପ୍ରଦାନ କରିବ ତେବେ ମୁଁ ତୁମମାନଙ୍କୁ ଗୋଟେ କଥା କହିବାକୁ ଚାହୁଁଛି । ତେଣୁ ତୁମେମାନେ ମୋତେ ଗ୍ୟାରେଣ୍ଟି (ପ୍ରତିଶୃତି) ଦିଅ ଯେ, ତୁମେମାନେ ମୋତେ କୌଣସି ହାନୀ ପହଞ୍ଚାଇବ ନାହିଁ । ମୁଁ ରାଜଦୂତ ହୋଇ ଆସିବାକୁ ଚାହୁଁଛି । ସେମାନେ ଅଶ୍ୱାସନା ଦେଲେ ଏବଂ କହିଲେ ଯେ, ଠିକ୍ ଅଛି ଆମେମାନେ ତୁମକୁ ଶାନ୍ତି ଓ ସୁରକ୍ଷା ପ୍ରଦାନ କରୁଛୁ । ସେ ଦୁର୍ଗ ନିକଟବର୍ତ୍ତୀ ହେଲେ । କିନ୍ତୁ ସେମାନେ ଚୁକ୍ତିଭଙ୍ଗ କରି ତାଙ୍କ ଉପରେ ତୀର ବର୍ଷଣ କରିବା ଆରମ୍ଭ କରିଦେଲେ । ଫଳତଃ ସେ ଶହୀଦ୍ ହୋଇଗଲେ । ଅତଏବ୍ ୟଜିଦ୍ ବିନ୍ ଜମ୍‌ଆ ଉକ୍ତ ଯୁଦ୍ଧ ପୂର୍ବରୁ ଶହୀଦ୍ ହୋଇଥିଲେ । ୟଜିଦ୍ ବିନ୍ ଜମ୍‌ଆ ଉମ୍ମୁଲ୍ ମୁମିନିନ୍ ହ. ଉମ୍ମେ ସଲ୍‌ମା ର.ଅଙ୍କ ଭଣଜା ଥିଲେ । ତାଙ୍କୁ ଶହୀଦ୍ କରିଥିବା ବ୍ୟକ୍ତିର ନାମ ହେଲା ହୁଜୈଲ୍ ବିନ୍ ଅବି ସଲତ୍ । ଏହି ବ୍ୟକ୍ତି ଜଣକ ୟଜିଦ୍ ବିନ୍ ଜମ୍‌ଆଙ୍କୁ ଶହୀଦ୍ କରିବା ପରେ ଅହଂକାରପୂର୍ବକ ଦୁର୍ଗ ମଧ୍ୟରୁ ବାହାରକୁ ବାହାରିଲା ଏବଂ ତା'ର ଏହି ଧାରଣା ରହିଥିଲା ଯେ, ମୁସଲମାନମାନେ ଉକ୍ତ ଘଟଣା ଯୋଗୁଁ ଭୟଭୀତ ହୋଇ ଯାଇଥିବେ ଏବଂ କିଛି କରି ପାରିବେ ନାହିଁ । କିନ୍ତୁ ସେ ଅର୍ଥାତ୍ ହୁଜୈଲ୍ ବିନ୍ ଅବି ସଲତ୍ ଯେମିତି ଦୁର୍ଗ ଦ୍ୱାରରୁ ବାହାରକୁ ବାହାରିଲା ସେତେବେଳେ ହ. ୟଜିଦ୍ ବିନ୍ ଜମ୍‌ଆଙ୍କ ଭାଇ ୟାକୁବ୍ ବିନ୍ ଜମ୍‌ଆ ଯେକି ଦୁର୍ଗର ଦୁଆର ପାଖରେ ହିଁ ଲୁଚିଥିଲେ ସେ ତାକୁ ଧରି ପକାଇଲେ ଏବଂ ଧରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ବ୍ୟକ୍ତି ଅର୍ଥାତ୍ ହୁଜୈଲ୍ ବିନ୍ ଅବି ସଲତ୍ ମୋ ଭାଇର ହତ୍ୟାକାରୀ ଅଟେ । ସୁତରାଂ ହୁଜୈଲ୍ ବିନ୍ ଅବି ସଲତ୍‌ର ସଂହାର କରିଦିଆଗଲା । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-୨, ପୃ-351-354, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ହୁନୈନ୍ ଯୁଦ୍ଧ, ଲେଖକ-ବାଶମିଲ୍, ପୃ-229-230, ନଫିସ୍ ଏକାଡ଼େମୀରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ବିବରଣୀ ବର୍ତ୍ତମାନ ଜାରି ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରାଯିବ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ମୁଁ ଦୁଇଟି ନମାଜ୍ ଯନାଜାଃ ପାଠ କରାଇବି। ପ୍ରଥମ ଯନାଜାଃ ହେଲା ଶ୍ରୀଯୁକ୍ତ ସ୍ୱର୍ଗତ ଡାକ୍ତର ସୟେଦ ଶାହାବ ଅହମଦ ସାହେବଙ୍କର। ସ୍ୱର୍ଗତ ସୟେଦ ଶାହାବ୍ ଅହମଦ ସାହେବ ଆଜିକାଲି କାନାଡ଼ାରେ ଥିଲେ । ମୂଳତଃ ଆପଣ ଭାରତୀୟ ଅଧିବାସୀ ଥିଲେ । ବିଗତ ଦିନରେ ୨6 ବର୍ଷରେ ଆପଣଙ୍କର ପରଲୋକ ହୋଇଯାଇଛି ।انّاللّٰہوانّاالیہراجعون । ସ୍ୱର୍ଗତ ଡାକ୍ତର ସୟେଦ ଶାହାବ ଅହମଦ୍ ସାହେବ ଓସିୟତ୍ କରିଥିଲେ । ତାଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଛି ଏବଂ ତିନୋଟି କନ୍ୟା ସନ୍ତାନ ରହିଛନ୍ତି । ଏହା ଆଗକୁ ମଧ ତାଙ୍କର ଆହୁରି ବଂଶଧରମାନେ ମଧ ରହିଛନ୍ତି । ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ସୟେଦ୍ ଇରାଦତ୍ ହୁସୈନ୍ ସାହେବ ର.ଅଙ୍କ ନାତି ଥିଲେ । ତାଙ୍କର ନନା ବିହାରର ଅଧିବାସୀ ଥିଲେ । ଆପଣ ଅଲୀଗଡ୍ ମୁସଲିମ୍ ୟୁନିଭର୍ସିଟି (ବିଶ୍ୱବିଦ୍ୟାଳୟ)ରୁ ମନସ୍ତତ୍ତ୍ୱ (ମନୋବିଜ୍ଞାନ) ବିଷୟରେ ଏମ୍.ଏସ୍.ସି (ସ୍ନାତକୋତ୍ତୋର) ଡିଗ୍ରୀ ପ୍ରାପ୍ତ କରିଥିଲେ । 1968 ମସିହାରେ ହ. ଖଲିଫତୁଲ୍ ମସିହଉସ୍ ସାଲିସ୍ ର.ଅଙ୍କ ଆଦେଶ କ୍ରମେ କାନାଡ଼ା ଚାଲିଗଲେ ଏବଂ ସେଠାରୁ ବିଶ୍ୱବିଦ୍ୟାଳୟରେ ଜଣେ ଅଧ୍ୟାପକ ଭାବରେ କ୍ଲିନିକାଲ୍ ସାଇକୋଲୋଜିର (ମନସ୍ତତ୍ତ୍ୱର) ବିଷୟ ପଢାଉଥିଲେ । ଆପଣ ୨ ବର୍ଷ କାଳ ପର୍ଯ୍ୟନ୍ତ କ୍ଲିନିକାଲ୍ ସାଇକୋଲୋଜିଷ୍ଟ (ମନୋବିଜ୍ଞାନୀ) ଭାବରେ ପ୍ରାକ୍ଟିସ୍ କରିଥିଲେ। ସ୍ୱର୍ଗତ ମହୋଦୟ ବିଭିନ୍ନ ସମୟରେ ଭାରତ ଏବଂ କାନାଡ଼ାରେ ଜମାଅତ୍‌ର ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କିରଥିଲେ । ଆପଣ ଦୀର୍ଘ କାଳ ପର୍ଯ୍ୟ ସିସ୍କାଟୁନ୍ ଜମାଅତ୍‌ର ସଦର୍ ମଧ ରହିଛନ୍ତି । ଏହା ପୂର୍ବରୁ ସେକ୍ରେଟାରୀ ତବ୍‌ଲିଗ୍ ରୂପେ ମଧ ସକ୍ରିୟ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ପୁନଶ୍ଚ ଏଡ୍‌ମିଣ୍ଟ୍‌ମନ ଠାରେ ସେକ୍ରେଟାରୀ ଇଶାଅତ୍ ବ୍ୟତୀତ ସେକ୍ରେଟାରୀ ତର୍ବିୟତ୍ ବିଭାଗରେ ସେବା ସମ୍ପାଦନ କରିଥିଲେ। ଆପଣ ଜଣେ ସଫଳ ଦାଇ ଇଲଲ୍ଲାଃ ମଧ ଥିଲେ । ଆପଣଙ୍କୁ ଅନେକ ବୈଅତ୍ କରାଇବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଜମାଅତ୍ ଅହମଦିୟା କାନାଡ଼ାର ଇତିହାସ ଇଂରାଜୀ ଭାଷାରେ ଲେଖାଯାଉଛି । ଉକ୍ତ ଇତିହାସର ଅଧିକାଂଶ ଭାଗ ସଂଶୋଧନ କରିବାକୁ ସ୍ୱର୍ଗତ ଡାକ୍ତର ଶାହାବ୍ ସାହେବଙ୍କୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । କାନାଡ଼ାର ସିସ୍କାଟୁନ୍ ଜମାଅତ୍‌ରେ ଅନେକ ବୈନୁଲ୍ ମଜାହିବ୍ (ଧର୍ମ ସମ୍ମିଳନୀ) କନ୍‌ଫରେନ୍‌ସ୍ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଏହା ଦ୍ୱାରା ଶିକ୍ଷିତ ଗୋଷ୍ଠୀଙ୍କ ପର୍ଯ୍ୟନ୍ତ ଜମାଅତ୍ ଅହମଦିୟାର ବାର୍ତ୍ତା ପହଞ୍ଚିଥିଲା । ଆପଣଙ୍କୁ ବିଭିନ୍ନ ଅନୁଷ୍ଠାନମାନଙ୍କର ଇସ୍‌ଲାମ୍ ଧର୍ମ ଏବଂ ଅହମଦିୟତ୍‌ର ଭାଷଣ ଦେବାର ମଧ ସୁଯୋଗ ପ୍ରାପ୍ତ ହୋଇଥିଲା । ବିଭିନ୍ନ ଲାଇବ୍ରେରୀମାନଙ୍କର ଜମାଅତ୍‌ର ପୁସ୍ତକ ମଧ ରଖାଇଥିଲେ । ଆପଣ ଜଣେ ବିଦ୍ୱାନ୍ ବ୍ୟକ୍ତିତ୍ୱ ଓ ଜ୍ଞାନର ଅଧିକାରୀ ଥିଲେ । ଇସ୍‌ଲାମ୍ ଏବଂ ଅହମଦିୟତ୍‌ର ସମର୍ଥନରେ ଇଂରାଜୀ ଭାଷା ଏବଂ ଉର୍ଦ୍ଦୁ ଭାଷାରେ ଆପଣଙ୍କର ଅନେକ ବିଷୟବସ୍ତୁ ଲେଖିଥିଲେ । ସେହିପରି ଆପଣ ଜମାଅତ୍‌ର ଖବରକାଗଜମାନଙ୍କରେ ଏବଂ ପତ୍ରିକା ଇତ୍ୟାଦିମାନଙ୍କରେ ମଧ ନିଜର ଆଲେଖ୍ୟମାନ କାଳାନୁକ୍ରମେ ପ୍ରକାଶିତ ହୋଇ ଆସୁଥିଲା । ତାଙ୍କର ଏକ ମୁଖ୍ୟ କୃତିତ୍ୱ ହେଲା ଭାରତର ବିହାର ରାଜ୍ୟରେ ଥିବା ଜମାଅତ୍ ଅହମଦିୟାର ଇତିହାସ ସଂକଳନ (ଲେଖିବାକୁ) ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା। ଆପଣଙ୍କର ଦୁଇଟି ପୁସ୍ତକ ଯଥା - (1) ବିହାର୍ ରାଜ୍ୟର ଅସ୍‌ହାବେ ଅହମଦ (ଅର୍ଥାତ୍ ବିହାର ରାଜ୍ୟରେ ଥିବା ହ. ମସିହ୍ ମଉଦ୍ ଅ.ସଙ୍କ ସାହାବାମାନେ) । ସେହିପରି ଦ୍ୱିତୀୟ ପୁସ୍ତକ ହେଲା (2) ବିହାର ରାଜ୍ୟର ଶୋହଦାଏ ଅମହଦିୟତ୍ ଔର୍ ଚନ୍ଦ୍ ଇବ୍‌ତିଦାଇ ମୁଖ୍‌ଲିସିନ୍ (ବିହାର ରାଜ୍ୟର ବୀରଗତି ପ୍ରାପ୍ତ କରିଥିବା ଅହମଦି ଓ ଅନ୍ୟ କେତେକ ପ୍ରାରମ୍ଭିକ ନୈଷ୍ଠିକ ବ୍ୟକ୍ତିମାନେ) । ଉକ୍ତ ଦୁଇଟି ପୁସ୍ତକ ପ୍ରକାଶିତ ହୋଇ ସାରିଛି ଏବଂ ବହୁତ୍ ଭଲ ପୁସ୍ତକ ଅଟେ । ଆପଣ ବିହାର ଜିଲ୍ଲାର ଅହମଦିମାନଙ୍କ ସହିତ ଅହରହ ଯୋଗାଯୋଗ କଲେ ଏବଂ ସେମାନଙ୍କର ଅବସ୍ଥାକୁ ଅନୁଧାନ କରିଏକତ୍ରିତ କଲେ ଓ ଆପଣଙ୍କର ଏକ ତୃତୀୟ ପୁସ୍ତକ "ବିହାର ରାଜ୍ୟରେ ଅହମଦିୟତ୍" ନାମକ ପୁସ୍ତକ ମଧ ସଂପୂର୍ଣ୍ଣ ହୋଇ ସାରିଛି । ଉକ୍ତ ପୁସ୍ତକ ଇଂରାଜୀ ଭାଷାରେ ଲିଖିତ । ସ୍ୱର୍ଗତ ଡାକ୍ତର ଶାହାବ୍ ସାହେବ ଜଣେ ଧର୍ମପରାୟଣ ବ୍ୟକ୍ତି ଏବଂ ଜଣେ ଆଦର୍ଶବାନ୍ ଅହମଦି ଥିଲେ । ସର୍ବଦା ଇସ୍‌ଲାମୀୟ ଆଦେଶାବଳୀର ନିୟମାନୁବର୍ତ୍ତୀ ହେବା ନିଜର ସର୍ବାଦୌ କର୍ତ୍ତବ୍ୟ ବୋଲି ମନେକରୁଥିଲେ । ମହାମହିମ ଓ ମହାବତାର ଆଁହଜରତ ସ.ଅ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ତଥା ଖିଲାଫତ୍ ସହିତ ତାଙ୍କର ଗଭୀର ଓ ନିବିଡ଼ ସଂପର୍କ, ଆସ୍ଥା ପ୍ରାଣୋତ୍ସର୍ଗୀତାର ସଂପର୍କ ଥିଲା । ତାଙ୍କର ସୁପୁତ୍ର ସୟେଦ୍ ମୁବାରକ୍ ଅହମଦ୍ ସାହେବ କୁହନ୍ତି ଯେ, ସ୍ୱର୍ଗତ୍ ଡାକ୍ତର ଶାହାବ୍ ଅହମଦି ସାହେବ ନିଜର ସମଗ୍ର ଜୀବନରେ କେବଳ ଗୋଟିଏ ସଂକଳ୍ପ ନେଇଥିଲେ । ତାହା ଏହିକି ଯେ, ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତ କରିବା । ସୁତରାଂ ପାଞ୍ଚବେଳା ନମାଜର ଆପଣ ନିୟମାନୁବର୍ତ୍ତୀ ଥିଲେ । ଉପାସନା କରିବା ପ୍ରତି ଆପଣ ବହୁତ ଭଲ ପାଉଥିଲେ ଏବଂ ବେଶ୍ ଆଗ୍ରହ ମଧ ପ୍ରକାଶ କରୁଥିଲେ । ପାଠ ପଢିବା, ଲେଖିବା ଓ ଶିଖିବାର ତାଙ୍କର ବହୁତ ଆଗ୍ରହ ଓ ସ୍ପୃହା ରହିଥିଲା । ବିଭିନ୍ନ ରାଜ୍ୟକୁ ଯାଇ ଆପଣ ତବ୍‌ଲିଗ୍ (ପ୍ରଚାର) ମଧ କରୁଥିଲେ । ଆପଣ ପ୍ରତ୍ୟେକ ପ୍ରସଙ୍ଗରେ ଉପସ୍ଥିତ ଖଲିଫାଙ୍କ ଠାରୁ ମାର୍ଗଦର୍ଶନ ଲୋଡୁଥିଲେ । ତାଙ୍କର ବଡ଼ ବଡ଼ ପତ୍ର ମୋତେ ପ୍ରାପ୍ତ ହେଉଥିଲା ଏବଂ ମୋ ପାଖକୁ ସେହିସବୁ ପତ୍ର ଆସୁଥିଲା । ଆପଣ ନିଜ ଦ୍ୱାରା ରଚିତ ପୁସ୍ତକ ମଧ ମୋତେ ପ୍ରେରଣ କରୁଥିଲେ । ଆପଣ ଚାନ୍ଦା ଦେବାରେ ସର୍ବଦା ସର୍ବାଗ୍ରେ ରହୁଥିଲେ । ଜୀବନର ଶେଷ 4 ବର୍ଷରେ ନିଜ ଆୟର ପଞ୍ଚମାଂଶ ଓସିୟତ୍‌ରେ ଉପସ୍ଥାପିତ କରିଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଲା ଲାହୋରର ଶ୍ରୀଯୁକ୍ତ ସ୍ୱର୍ଗତ ମୁବାରକ୍ ଖୋଖର୍ ସାହେବଙ୍କର । ତାଙ୍କର ମଧ ବିଗତ ଦିନରେ ୫1 ବର୍ଷ ବୟସରେ ବିୟୋଗ ହୋଇଯାଇଛି । انّاللّٰہوانّاالیہراجعون । ସ୍ୱର୍ଗତ ମୁବାର୍କ ଖୋଖର୍ ସାହେବ ଅଲ୍ଲାଃତାଲାଙ୍କ କୃପାରୁ ଓସିୟତ୍ କରିଥିଲେ । ଆପଣ ଗୁଜ୍‌ରାନାୱାଲାର ଶହୀଦ୍ ଅଫ୍‌ଜଲ ଖୋଖର୍ ସାହେବଙ୍କ ସର୍ବ କନିଷ୍ଠ ଅର୍ଥାତ୍ ସବା ସାନା ଭାଇ ଥିଲେ ଏବଂ ଶହୀଦ୍ ଅଶ୍ରଫ୍ ଖୋଖର୍ ସାହେବଙ୍କର ଚଚା ଥିଲେ । ସ୍ୱର୍ଗତଙ୍କ ବଂଶରେ ଦୁଇଜଣ ଶହୀଦ୍ ଅଛନ୍ତି । ସ୍ୱର୍ଗତ ମୁବାରକ୍ ଖୋଖର୍ ସାହେବଙ୍କର ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ସହିତ ନିଷ୍ଠାପୂର୍ଣ୍ଣ ସଂପର୍କ ଥିଲା । ଖଲିଫା ରାବେ ର.ଅ ହିଁ ମୁବାରକ୍ ଖୋଖର୍ ସାହେବଙ୍କର ରିସ୍ତା ଓ ବିବାହ କରାଇଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଖିଲାଫତ୍ ପୂର୍ବେ ମଧ ଅର୍ଥାତ୍ ମୁଁ ଖଲିଫା ହେବା ପୂର୍ବେ ମଧ ତାଙ୍କ ସହିତ ମୋର ନିକଟତର ସଂପର୍କ ଥିଲା । ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଆହ୍ୱାନ କ୍ରମେ ଆପଣ କରାଚୀରେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ଉକ୍ତ ବ୍ୟବସାୟ ବେଶ୍ ସଫଳ ମଧ ହୋଇଥିଲା । ଜମାଅତ୍ ଦୃଷ୍ଟିରୁ ତାଙ୍କ ଉପରେ ଏପରି କୌଣସି ପ୍ରମୁଖ ସେବା ତ' ନ୍ୟସ୍ତ ହୋଇ ନଥିଲା । କିନ୍ତୁ ଜମାଅତ୍ର ସେବା ନିମନ୍ତେ ଯେତେବେଳେ ବି ତାଙ୍କୁ ଡକା ଯାଉଥିଲା ସେତେବେଳେ ଆପଣ ତୁରନ୍ତ ଉପସ୍ଥିତ ହୋଇଯାଉଥିଲେ । ଜମାଅତ୍ ଓ ଖିଲାଫତ୍ ସହିତ ଆପଣଙ୍କର ଗଭୀର ସଂପର୍କ ଥିଲା ଓ ଗଭୀର ଆସ୍ଥା ରହିଥିଲା । ଆପଣ ଅତ୍ୟନ୍ତ ମେଳାପୀ ପ୍ରିୟ, ଦୟାର୍ଦ୍ର, କରୁଣା ବତ୍ସଳ ଏବଂ ଲୋକମାନଙ୍କର କଷ୍ଟକୁ ମର୍ମେ ମର୍ମେ ଅନୁଭବ କରୁଥିଲେ ଓ ସେମାନଙ୍କର କଷ୍ଟକୁ ଦୂର କରିବା ପାଇଁ ମଧ ଆପଣ ସର୍ବଦା ଚେଷ୍ଟା କରୁଥିଲେ । ଜନକଲ୍ୟାଣମୂଳକ କାର୍ଯ୍ୟରେ ପ୍ରତିଦ୍ୱନ୍ଦ୍ୱିତ ହୋଇ ଆପଣ ଅଂଶଗ୍ରହଣ କରୁଥିଲେ । ନିଜର ମାତାଶ୍ରୀଙ୍କ ନାମରେ ଶିକ୍ଷାବୃତ୍ତି ମଧ ସେ ଜାରି କରାଇଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ, ଗୋଟିଏ କନ୍ୟା ସନ୍ତାନ ଓ ଦୁଇ ଜଣ ପୁତ୍ର ସନ୍ତାନ ମଧ ରହିଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପର୍ତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍ । (ଅଲ୍ ଫଜଲ୍**

## ପୃ-02ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ମଦିନା ଚାଲି ଆସନ୍ତୁ । ଆପଣ ସ.ଅ ଆମମାନଙ୍କର ଅନୁରୋଧ ରକ୍ଷା କଲେ ଏବଂ ଆମେମାନେ ଏହି ଅଙ୍ଗୀକାର କଲୁ ଯେ, ଯଦି ମଦିନା ଉପରେ କୌଣସି (ବାହ୍ୟ) ଶତ୍ରୁ ଆକ୍ରମଣ କଲା ତେବେ ଆମେମାନେ ଆପଣ ସ.ଅଙ୍କ ପ୍ରାଣ ରକ୍ଷା କରିବାକୁ ଯାଇ ନିଜର ପ୍ରାଣ ଓ ନିଜର ଧନକୁ ମଧ ଉତ୍ସର୍ଗ କରିଦେବୁ । କିନ୍ତୁ ଯଦି ମଦିନା ବାହାରେ ମୁକାବିଲା ହେଲା ତେବେ ସେପରିପ୍ରେକ୍ଷୀରେ ଆମେମାନେ ବାଧ ନାହୁଁ । **(ଅବଶିଷ୍ଟାଂଶ...ପୃ-10ରେ)**

## ପୃ-09ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ଆମମାନଙ୍କ ଉପରେ କୌଣସି କଟକଣା ଲାଗୁ ହେବ ନାହିଁ । ବର୍ତ୍ତମାନ ମଦିନା ବାହାରେ ଯୁଦ୍ଧ ହେଉଅଛି, ତେଣୁ ଆପଣ ସ.ଅଙ୍କ ଇଙ୍ଗିତ ସେହି ଅଙ୍ଗୀକାର ଆଡ଼କୁ ରହିଛି ଏବଂ ଆପଣ ସ.ଅ ଆମମାନଙ୍କୁ ପଚାରିବାକୁ ଚାହୁଁଛନ୍ତି ଯେ, ବର୍ତ୍ତମାନ ସେହି ଚୁକ୍ତି ଅନୁଯାୟୀ ଆମମାନଙ୍କର କ'ଣ ମତାମତ ରହିଛି ? ରସୁଲ୍ କରୀମ୍ ସ.ଅ କହିଲେ, ହେ ମଦିନାବାସୀମାନେ ! ତୁମେମାନେ ଏକ୍‌ଦମ୍ ଠିକ୍ ବୁଝିଛ । ମୋର ଇଙ୍ଗିତ ସେହି ଚୁକ୍ତି ଆଡ଼କୁ ଥିଲା । ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସେହି ଚୁକ୍ତି କଥା ଆପଣ ସ.ଅ ଛାଡ଼ନ୍ତୁ । ଯେତେବେଳେ ଆମେମାନେ ଉକ୍ତ ଅଙ୍ଗୀକାର କରିଥିଲୁ ସେତେବେଳେ ଆମମାନଙ୍କର ଉପରେ ଆପଣ ସ.ଅଙ୍କର ସଂପୂର୍ଣ୍ଣ ମର୍ଯ୍ୟାଦା ପରିପ୍ରକାଶିତ ହୋଇ ନଥିଲା । କିନ୍ତୁ ବର୍ତ୍ତମାନ ଆମେମାନେ ଅବଲୋକନ କରି (ଦେଖି) ନେଇଛୁ ଯେ, ଆପଣ ସ.ଅଙ୍କର କେଉଁ ମର୍ଯ୍ୟାଦା ରହିଛି ଏବଂ ଆପଣ ସ.ଅଙ୍କ କି ମହତ୍ତ୍ୱ ରହିଛି ଓ ଆପଣ କେଡ଼େ ପ୍ରତାପୀ ଓଜସ୍ୱୀ ମହାବତାର ଅଟନ୍ତି? ବର୍ତ୍ତମାନ ଆଉ କୌଣସି ଚୁକ୍ତିର ପ୍ରଶ୍ନ ଉଠୁ ନାହିଁ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କିଛି ଦୂରରେ ଏକ ସମୁଦ୍ର ରହିଛି, ଆପଣ ସ.ଅ ଯଦି ଆମମାନଙ୍କୁ ଆଦେଶ ଦିଅନ୍ତି ତେବେ ଆମେମାନେ ନିଜର ଅଶ୍ୱମାନଙ୍କୁ ସେହି ସମୁଦ୍ର ଜଳରେ ନିକ୍ଷେପ କରିଦେବା ନିମନ୍ତେ ମଧ୍ୟ ପ୍ରସ୍ତୁତ ଅଟୁ ଏବଂ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଯୁଦ୍ଧ ହୁଏ ତେବେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆମେମାନେ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ଲଢ଼ିବୁ ଓ ଆପଣ ସ.ଅଙ୍କ ଦକ୍ଷିଣ ପାର୍ଶ୍ୱରେ ମଧ୍ୟ ଲଢ଼ିବୁ, ଆମେମାନେ ଆପଣ ସ.ଅଙ୍କ ଆଗରେ ଲଢ଼ିବୁ ଓ ଆପଣ ସ.ଅଙ୍କ ପଛରେ ମଧ୍ୟ ଲଢ଼ିବୁ । ଶତ୍ରୁ ଯେପର୍ଯ୍ୟନ୍ତ ଆମମାନଙ୍କୁ ମାରି ଆମମାନଙ୍କ ଶବ ଉପରେ ଚଢ଼ି ଅତିକ୍ରମ କରିଯାଇ ନାହିଁ ସେପର୍ଯ୍ୟନ୍ତ ଶତ୍ରୁ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ ।

ସୁତରାଂ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଏହା ଥିଲା ଅନ୍‌ସାର୍‌ମାନଙ୍କର ସେହି ନିଷ୍ଠା, ତ୍ୟାଗ ଓ ଆନ୍ତରୀକତାର ଉଦାହରଣ, ଏହା ଥିଲା ସେହି ଅନ୍‌ସାର୍‌ମାନଙ୍କର ପ୍ରାଣୋତ୍ସର୍ଗୀତା ଯାହା ସେମାନେ ପ୍ରଦର୍ଶନ କରିଥିଲେ । ପୁନଶ୍ଚ ସେମାନେ (ଅନ୍‌ସାର୍‌ମାନେ) ଯେଉଁଭଳି ଭାବରେ ଛେଳୀ ମେଣ୍ଢାମାନଙ୍କ ପରି ନିଜର ମୁଣ୍ଡ(ପ୍ରାଣ) କୁ ଇସ୍‌ଲାମ୍ ଧର୍ମର ମାର୍ଗରେ ସ୍କନ୍ଧଚ୍ୟୁତ କରାଇଲେ ତାହାର ଦୃଷ୍ଟାନ୍ତ ଓ ଚିହ୍ନ ବର୍ଣ୍ଣ କେବଳ ଇତିହାସର ପୃଷ୍ଠାରେ ଦେଖିବା ମିଳେ ନାହିଁ ବରଂ ହୃଦୟର ଅତଳ ଗହ୍ୱରରେ ମଧ୍ୟ ଏହିପରି ଚିହ୍ନ ଅଙ୍କିତ ହୋଇ ରହିଛି ଯେ, ଆଗାମୀ ବଂଶଧରମାନେ ସେହି ସାହାବାମାନଙ୍କର ଭବ୍ୟ ବଳିଦାନକୁ ଦେଖି ବିସ୍ମୃତ (ଭୁଲି/ପାଶୋରି) ମଧ୍ୟ କରିପାରିବେ ନାହିଁ ।" **(ତଫସିର୍ କବିର୍, ଭାଗ-6, ପୃ-165, ପ୍ରକାଶନ ସ୍ଥାନନ-କାଦିୟାନ୍, 2010 ମସିହା)** ☆--☆--☆

## ବିଗତ ସଂଖ୍ୟା-41, ପୃ-8ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ଏହା ବର୍ଣ୍ଣନା କରାଯାଏ ଯେ, ଯେଉଁ ବ୍ୟକ୍ତି ହ. ସାଆଦ୍ ବିନ୍ ରବିଇ ର.ଅଙ୍କ ପାଖକୁ ଯାଇଥିଲା ସେ ହ. ଉବେି ବିନ୍ କାଆବ୍ ର.ଅ ଥିଲେ । ହ. ସାଆଦ୍ ର.ଅ ହ. ଉବେି ବିନ୍ କାଆବ୍ ର.ଅଙ୍କୁ କହିଲେ, ହେ କାଆବ୍ ! ତୁମେ ନିଜ ଜାତିର ଲୋକମାନଙ୍କୁ କହିବ ଯେ, ସାଆଦି ବିନ୍ ରବିଇ ତୁମକୁ ଏହା କହେ ଅଲ୍ଲାଃତାଲାଙ୍କୁ ଡର । ଅନ୍ୟ ଏକ ବର୍ଣ୍ଣନାରେ ମଧ୍ୟ ଏହା ବର୍ଣ୍ଣିତ ହୋଇଛି ଯେ, "ତୁମେମାନେ ଯେଉଁ ଅଙ୍ଗୀକାର ଉକ୍‌ବା ରାତ୍ରରେ ରସୁଲ୍ କରୀମ୍ ସ.ଅଙ୍କ ସହିତ କରିଥିଲା ତାହାକୁ ମନେପକାଅ । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଅଲ୍ଲାଃତାଲାଙ୍କ ସମ୍ମୁଖରେ ତୁମମାନଙ୍କର କୌଣସି ଆଳ ତଥା ବାହାନା ସ୍ୱୀକୃତ ହେବ ନାହିଁ । ଶତ୍ରୁମାନେ ଯଦି ତୁମମାନଙ୍କର ନବୀ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲେ ଏବଂ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିର ଏକ ଚକ୍ଷୁ ପ୍ରତିକ୍ରିୟା ପର୍ଦର୍ଶନ କରୁଥିବ ଅର୍ଥାତ୍ କୌଣସି ବ୍ୟକ୍ତି ଯଦି ଜୀବିତ ରହେ । ଅର୍ଥାତ୍ ତୁମମାନଙ୍କୁ ନିଜର ଜୀବନକୁ ଯଦି ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ସ.ଅ ଓ ତାହାଙ୍କ ଧର୍ମ ସକାଶେ ଉତ୍ସର୍ଗ କରିବାକୁ ପଡ଼ିବ । ଏହା ଥିଲା ସେହି ସାହାବାମାନଙ୍କର ଉତ୍ସାହ ଯେ, ସେମାନେ ମୃତ୍ୟୁ ସମୟରେ ମଧ୍ୟ ଚିନ୍ତିତ ଥିଲେ ଯେ, ସେମାନେ କିପରି ଓ କେବଳ ରସୁଲୁଲ୍ଲାଃ ସ.ଅଙ୍କ ସୁରକ୍ଷା କରିବେ ? ହ. ଇବ୍‌ନେ କାଆବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ବର୍ତ୍ତମାନ ସେଠାରେ ଥିଲି । ଅର୍ଥାତ୍ ହ. ସାଆଦ୍ ର.ଅଙ୍କ ପାଖରେ ହିଁ ଥିଲି କି ହ. ସାଆଦ୍ ବିନ୍ ରବିଇଙ୍କ ବିୟୋଗ ହୋଇଗଲା । ସେତେବେଳେ ସେ ଗମ୍ଭୀର ରୂପେ କ୍ଷତାକ୍ତ ଓ ଆହତ ଥିଲେ । ମୁଁ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ପୁନଃ ଉପସ୍ଥିତ ହେଲି ଏବଂ ଆପଣ ସ.ଅଙ୍କୁ ସବୁକଥା କହିଦେଲି ଯେ, ତାଙ୍କ ସହିତ ମୁଁ ଏହି କଥାବାର୍ତ୍ତା ହୋଇଥିଲି । ଅତଏବ୍ ଏହା ତାଙ୍କର ଅବସ୍ଥା ଥିଲା ଏବଂ ସେ ଏହିପରି ଶହୀଦ୍ ହୋଇଥିଲେ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ଅଲ୍ଲାଃତାଲା ତାଙ୍କ ପ୍ରତି ଦୟାବତୀର୍ଣ୍ଣ କରନ୍ତୁ । ସେ ଜୀବିତାବସ୍ଥାରେ ଓ ମୃତାବସ୍ଥାରେ ମଧ୍ୟ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କର ଶୁଭେଚ୍ଛୁ ରହିଲା । ହ. ସାଆଦ୍ ବିନ୍ ରବିଇ ଏବଂ ହ. ଖାର୍ଜା ବିନ୍ ଜୈଦ୍ ର.ଅଙ୍କୁ ଗୋଟିଏ କବର ମଧ୍ୟରେ ହିଁ କବର ଦିଆଯାଇଥିଲା ।" **(ଅତ୍‌ତବକାତୁଲ୍ କୁବ୍ରା, ଭାଗ-3, ପୃ-382 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଅଲ୍ ଇସ୍ତିଆବ୍, ଭାଗ-2 ପୃ-590-591, ଦାରୁଲ୍ ଜିଲୁ, ବୈରୁତ୍) (ଉସ୍‌ଦୁଲ୍ ଗାବା, ଭାଗ-2, ପୃ-433, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ସାଆଦ୍ ର.ଅଙ୍କ ଶାହାଦତ୍ ସଂପର୍କରେ ବର୍ଣ୍ଣନା କରି ଉକ୍ତ ଘଟଣାକୁ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, "ଆଁହଜରତ ସ.ଅ ମଧ୍ୟ ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ଶହୋଦାମାନଙ୍କର ପାର୍ଥିବ ଶରୀରକୁ ଦେଖିବାକୁ ଆରମ୍ଭ କରିଥିଲେ । ମୁସଲମାନମାନଙ୍କ ସମ୍ମୁଖରେ ଯେଉଁ ଦୃଶ୍ୟ ରହିଥିଲା ଅର୍ଥାତ୍ ଯୁଦ୍ଧ ଯେତେବେଳେ ସମାପ୍ତ ହୋଇଗଲା ସେତେବେଳେ ତାହା ମୁସଲମାନମାନଙ୍କୁ ରକ୍ତର ଲୁହ କନ୍ଦାଉଥିଲା । ଆଁହଜରତ ସ.ଅ ମଧ୍ୟ ଆହତ ହୋଇଥିଲେ । କିନ୍ତୁ ଆପଣ ସ.ଅ ତଥାପି ଯୁଦ୍ଧ ଭୂମିକୁ ଚାଲି ଆସିଲେ । ଶହୋଦାମାନଙ୍କର ପାର୍ଥିବ ଶରୀରକୁ ଦେଖିବାକୁ ଲାଗିଲେ । ଆପଣ ସ.ଅ କହୁଥିଲେ ଯେ,"70 ଜଣ ମୁସଲମାନମାନେ ରକ୍ତ ଜୁଡ଼ୁବୁଡ଼ୁ ହୋଇ ଯୁଦ୍ଧ ଭୂମିରେ ପଡ଼ିଥିଲେ । ଆରବର ନୃଶଂସନୀୟ ପ୍ରଥା ଯଥା ମୁସ୍‌ଲା ଅର୍ଥାତ୍ ଶତ୍ରୁ ପକ୍ଷର ମୃତ ଶରୀରର ଅଙ୍ଗକୁ ବିପରୀତ ଦିଗରୁ ଛେଦନ କରିବାର ପ୍ରଥା ଅତ୍ୟନ୍ତ ଭୟଙ୍କର ଦୃଶ୍ୟ ଉପସ୍ଥାପିତ କରୁଥିଲା । ସେହି ଶୋହଦା ସାହାବାମାନଙ୍କର ଅଙ୍ଗ ପ୍ରତ୍ୟଙ୍ଗକୁ ବିପରୀତ ଦିଗରୁ ଛେଦନ (କଟା) ଯାଇଥିଲା ସେମାନଙ୍କର ମୁଖମଣ୍ଡଳକୁ ବିକୃତ କରି ଦିଆଯାଇଥିଲା । ଶହୀଦ୍ ହୋଇଥିବା ସାହାବାମାନଙ୍କ ମଧ୍ୟରେ କେବଳ 6 ଜଣ ପ୍ରବାସକାରୀମାନେ ଥିଲେ ଏବଂ ଅନ୍ୟ ସମସ୍ତେ ଅନ୍‌ସାରମାନେ ଥିଲେ । ଅପରପକ୍ଷେ କୁରୈଶ୍‌ମାନଙ୍କ ମୃତ ବ୍ୟକ୍ତିମାନଙ୍କର ସଂଖ୍ୟା 30 ଥିଲା । ଯେତେବେଳେ ଆଁହଜରତ୍ ସ.ଅ ନିଜର ଚଚା ଏବଂ ରିଜାଇ ଭାଇ ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲିବ୍‌ଙ୍କ ପାର୍ଥିବ ଶରୀର ପାଖରେ ପହଞ୍ଚିଲେ ସେତେବେଳେ ଆପଣ ସ.ଅ ହତବମ୍ଭ ଓ ଆବାକ୍ ହୋଇ ରହିଗଲେ । କାରଣ ହ. ହମ୍‌ଜା ର.ଅଙ୍କ ପାର୍ଥିବ ଶରୀରକୁ ଅବୁ ସୁଫିୟାନ୍‌ର ପତ୍ନି ହିନ୍ଦ୍ ଅତ୍ୟାନ୍ତ ନୃଶଂସନୀୟ ଓ ବର୍ବରତା ସହିତ ବିକୃତ କରିଦେଇଥିଲା । କିଛି ସମୟ ପର୍ଯ୍ୟନ୍ତ ଆପଣ ସ.ଅ ନୀରବ ହୋଇ ଛଡ଼ା ରହିଲେ । କିନ୍ତୁ ଆପଣ ସ.ଅ ଏହା ଭାବି ଅଟକିଗଲେ (ଅବିଶ୍ୱାସକାରୀଙ୍କ ଶବକୁ ମଧ୍ୟ ବିକୃତ କରାଯିବା ପ୍ରସଙ୍ଗରୁ) ଏବଂ ଧୈର୍ଯ୍ୟ ପ୍ରଦର୍ଶନ କଲେ । କେବଳ ସେତିକି ନୁହେଁ ବରଂ ଏହା ପରେ ଆପଣ ସ.ଅ ମୁସଲା ଅର୍ଥାତ୍ ଶବର ମୁଖମଣ୍ଡଳକୁ ବିକୃତ କରିବାର ଯେଉଁ ପ୍ରଥା ରହିଥିଲା, ଅଙ୍ଗ ପ୍ରତ୍ୟଙ୍ଗକୁ କାଟିବାର ଯେଉଁ ପ୍ରଥା ରହିଥିଲା ତାହାକୁ ଇସ୍‌ଲାମ୍ ଧର୍ମରୁ ସବୁଦିନ ପାଇଁ ଅବୈଧ ଓ ସମାପ୍ତ କରିଦେଲେ । ଆପଣ ସ.ଅ କହିଲେ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ଶତ୍ରୁ ତୁମ ସହିତ ଓ ତୁମର ଶବ ସହିତ ଯେଉଁ ଆଚରଣ ପ୍ରଦର୍ଶନ କରୁଛି ପଛେ କରୁ କିନ୍ତୁ ତୁମେମାନେ ଉକ୍ତ ନୃଶଂସନୀୟ ଓ ବର୍ବର କୃତ୍ୟରୁ ସର୍ବଦା ଦୂରେଇ ରହିବ ତଥା ଦୟା, ଉପକାର ପନ୍ଥା ସର୍ବଦା ଅବଲମ୍ବନ କରିବ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, "କୁରୈଶ୍‌ମାନେ ସାହାବାମାନଙ୍କର ପାର୍ଥିବ ଶରୀର ସହିତ ନ୍ୟୁନାଧିକ ଏବଂ ଅନ୍ତତଃ ଏହିଭଳି ନୃଶଂସନୀୟ ତଥା ବର୍ବରତା ପ୍ରଦର୍ଶନ କରିଥିଲେ। ସୁତରାଂ ଆପଣ ସ.ଅଙ୍କ ପିଉସୀଙ୍କ ପୁତ୍ର ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅଙ୍କ ପାର୍ଥିବ ଶରୀରକୁ ମଧ୍ୟ ଅତି ଶୋଚନୀୟ ଭାବରେ ବକୃତ କରି ଦିଆଯାଇଥିଲା । ଆଁହଜରତ ସ.ଅ ଯେମିତି ଯେମିତ ଗୋଟି ଗୋଟିଏ ପାର୍ଥିବ ଶରୀର ପାଖରୁ ଅନ୍ୟ ଏକ ପାର୍ଥିବ ଶରୀର ପାଖକୁ ଯାଉଥିଲେ ସେମିତି ସେମିତି ଆପଣ ସ.ଅଙ୍କ ଚେହେରାରେ ଦୁଃଖ ଏବଂ କଷ୍ଟର ଲକ୍ଷଣ ଅଧିକ ପ୍ରକାଶ ପାଉଥିଲା । " **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ, ପୃ-500)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ସେହି ଶୋହଦାମାନଙ୍କ ଏବଂ ସେମାନଙ୍କର ବଳିଦାନର ଚର୍ଚ୍ଚା ଏହିପରି କରି ସାଆଦ୍ ବିନ୍ ରବିଇ ଅନ୍‌ସାରୀ ର.ଅ ଯେକି ଅନ୍‌ସାର୍‌ଙ୍କ ଅଧିପତି ଥିଲେ । ତାଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି ।

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର/ସ୍ଥାନୀୟ ଅମୀର/ସଦର୍ ଜମାଅତ୍/ମୁବ୍ଲିଗ୍ ଇନ୍ଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୂର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-143516, ମୋବାଇଲ୍ ନଂ: 9682587713 ,9888232530, 9682627592, କାର୍ଯ୍ୟାଳୟ: 01872-501130
Email:diwan@qadian.in

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ଅର୍ଥାତ୍ ସାଆଦ୍ ବିନ୍ ରବିଇ ଅନ୍‌ସାରୀ ର.ଅଙ୍କ ଆଁହଜରତ୍ ସ.ଅଙ୍କ ସହିତ ଥିବା ପ୍ରେମ ଓ ଆନ୍ତରୀକତାର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଓହୋଦ୍ ଯୁଦ୍ଧର ଏକ ଘଟଣା ରହିଛି ଯେ, ଯୁଦ୍ଧ ପରେ ଆଁହଜରତ୍ ସ.ଅ ହ. ଉବେଁ ବିନ୍ କାଆବ୍ ର.ଅଙ୍କୁ କହିଲେ ଯେ, ହେ ଉବେଁ ବିନ୍ କାଆବ୍ ! ତୁମେ ଯାଅ ଏବଂ ଆହତମାନଙ୍କୁ ଦେଖ । ସେ ଦେଖୁ ଦେଖୁ ହ. ସାଆଦ୍ ବିନ୍ ରବିଇ ର.ଅଙ୍କ ପାଖରେ ଯେତେବେଳେ ପହଞ୍ଚିଲେ ସେତେବେଳେ ସେ ଗମ୍ଭୀର ରୂପେ ଆହତ ଏବଂ କ୍ଷତାକ୍ତ ଥିଲେ । ସେ ସେତେବେଳେ ଶେଷ ନିଃଶ୍ୱାସ ନେଉଥିଲେ। ଉବେଁ ବିନ୍ କାଆବ୍ କହିଲେ, ହେ ସାଆଦ୍ ବିନ୍ ରବିଇ ! ତୁମେ ଯଦି ନିଜର ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ କୌଣସି ସନ୍ଦେଶ ଦେବାକୁ ଚାହୁଁଛ ତେବେ ମୋତେ କୁହ ମୁଁ ସେମାନଙ୍କୁ ଆପଣଙ୍କର ସନ୍ଦେଶ ଦେଇଦେବି । ହ. ସାଆଦ୍ ବିନ୍ ରବିଇ ର.ଅ ସ୍ମିତହାସ୍ୟ ପ୍ରକାଶ କରି କହିଲେ, ହେ କାଆବ୍ ! ମୁଁ ଅପେକ୍ଷାରତ ଥିଲି ଯେ, କେହି ମୁସଲମାନ ଏପଟକୁ ଆସୁ ତେବେ ମୁଁ ତାକୁ ସନ୍ଦେଶ ଦେବି । ତୁମେ ମୋ ହସ୍ତରେ ହସ୍ତ ରଖି ମୋତେ କଥା ଦିଅ ଯେ, ତୁମେ ମୋର ସନ୍ଦେଶ ଅବଶ୍ୟ ପହଞ୍ଚାଇବ। ହ. ସାଆଦ୍ ବିନ୍ ରବିଇ ର.ଅ ଏତେ କ୍ଷତାକ୍ତ ଏବଂ ଆହତ ହେବା ସତ୍ତ୍ୱ ମଧ୍ୟ ତାଙ୍କ ଶରୀରରେ ଜୀବନ ରହିଥିଲା ଏବଂ ସେ ହୋଶ୍‌ରେ ଥିଲେ ଯେ, ସେ ମୋତେ କହିଲେ, ଯେ, ହେ ଉବେଁ ବିନ୍ କାଆବ୍ ! ତୁମେ ମୋ ହାତର ହାତ ଦିଅ ଏବଂ ମୋତେ କଥାଦିଅ । ହୁଜୁର ଅନୱର୍ ଅ.ବ କହିଲେ, ଏହା ନିଜ ମନର ଭାବନାର ପରିପ୍ରକାଶ କରିବାର ଏକ ଶୈଳୀ ଅଟେ ଯେ, ତୁମେ ମୋର ସନ୍ଦେଶ ଅବଶ୍ୟ ପହଞ୍ଚାଇ ଦେବ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏତଦପରେ ହ. ସାଆଦ୍ ବିନ୍ ରବିଇ ର.ଅ ଯେଉଁ ସନ୍ଦେଶ ଦେଲେ, ତାହା ଏହିପରି ଥିଲା ଯେ, ହ. ସାଆଦ୍ ବିନ୍ ରବିଇ ର.ଅ ହ. ଉବେଁ ବିନ୍ କାଆବଙ୍କୁ କହିଲେ, ହେ ଉବେଁନ୍ ବିନ କାଆବ୍ ! "ତୁମେ ମୋର ମୁସଲମାନ ଭାଇମାନଙ୍କ ପର୍ଯ୍ୟନ୍ତ ମୋର ଏହି ସନ୍ଦେଶ ପହଞ୍ଚାଇ ଦେବ, ମୋ ଜାତିର ଲୋକମାନଙ୍କୁ ଏବଂ ମୋର ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ଏହା କହିବ କି ରସୁଲ୍ କରୀମ୍ ସ.ଅ ଆମମାନଙ୍କ ନିକଟରେ ସର୍ବୋତ୍କୃଷ୍ଟ ଅମାନତ୍ ଓ ନିଧି ଅଟନ୍ତି। ଆମେମାନେ ନିଜ ପ୍ରାଣର ବଳୀ ଦେଇ ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରି ଆସିଛୁ। ବର୍ତ୍ତମାନ୍ ଆମେ (ମୁଁ) ଚାଲିଲି (ବିଦାୟ ନେଉଛି ଏହି ସଂସାରରୁ) ଏବଂ ତୁମେ ଉକ୍ତ ଅମାନତ୍‌ର ସୁରକ୍ଷା ଦାୟିତ୍ୱ ବର୍ତ୍ତମାନ ଆମେ ତୁମମାନଙ୍କୁ ହସ୍ତାନ୍ତର କରୁଛୁ । ତେଣୁ ଏପରି ନହେଉ ଯେ, ତୁମେମାନେ ଉକ୍ତ ଅମାନତ୍ ଅର୍ଥାତ୍ ନବୀ କରୀମ୍ ସ.ଅଙ୍କ ସୁରକ୍ଷାରେ ଅବହେଳା, ତ୍ରୁଟି ଓ ଦୁର୍ବଳତା ପ୍ରଦର୍ଶନ କରିବ ।"

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଦେଖ ! ଏପରି ସମୟରେ ଯେତେବେଳେ ମନୁଷ୍ୟ ଏହା ଭାବୁଥିବ ଯେ, ମୁଁ ମୃତ୍ୟୁବରଣ କରୁଛି, ତା' ମନରେ ନାନା ପ୍ରକାରର ଚିନ୍ତାଧାରା ଉତ୍ପନ୍ନ ହୋଇଥାଏ, ସେ ଏହା ଭାବିଥାଏ ଯେ, ମୋ ପତ୍ନିର ଅବସ୍ଥା କ'ଣ ହେବ, ମୋ ପିଲାମାନଙ୍କୁ କିଏ ପଚାରିବ ? କିନ୍ତୁ ସେହି ସାହାବି ଜଣକ ଏପରି କୌଣସି ସନ୍ଦେଶ ଦେଲେ ନାହିଁ । ବରଂ କେବଳ ଏହା ହିଁ କହିଲେ, ଯେ, ହେ ଉବେଁ ବିନ୍ କାଆବ୍ ! ଆମେମାନେ ଆଁହଜରତ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରି ଏହି ସଂସାରରୁ ବିଦାୟ ନେଉଛୁ । ତୁମେମାନେ ମଧ୍ୟ ଏହି ମାର୍ଗ ଅନୁଯାୟୀ ଆମମାନଙ୍କୁ ଅନୁସରଣ କର । ସେହି ଲୋକମାନଙ୍କ (ସାହାବାମାନଙ୍କ) ମଧ୍ୟରେ ବିଶ୍ୱାସର ଏହି ଶକ୍ତି ହିଥିଲା ଯେ, ସେମାନେ ଏହି ଶକ୍ତି ବଳରେ ସଂସାରକୁ ଉପର ତଳ କରିଦେଲେ ଏବଂ କୈସର୍ ଓ କିସ୍ରାର ଶାସକଙ୍କ ରାଜଶାସନକୁ ମଧ୍ୟ ପରିବର୍ତ୍ତନ କରିଦେଲେ। କୈସରେ ରୋମ୍ ଆଶ୍ଚର୍ଯ୍ୟଚକିତ ଥିଲା ଯେ, ଏମାନେ କିଏ ? କିସ୍ରା ନିଜର ସୈନ୍ୟବାହିନୀକୁ ଏହି ପତ୍ର ଲେଖିଲା ଯେ, ହେ ସୈନ୍ୟବାହିନୀମାନେ ! ତୁମେମାନେ ଯଦି ଆରବ୍ୟ ସୈନ୍ୟବାହିନୀ ତଥା ଆରବ୍ୟ ଜାତିକୁ ପରାସ୍ତ କରିପାରୁ ନାହଁ ତେବେ ଫେରିଆସ୍ ଏବଂ ଘରେ ଆସି ଚୁଡ଼ି ପିନ୍ଧି ବସ । ଅର୍ଥାତ୍ ମହିଳାମାନଙ୍କ ପରି ଘରେ ରୁହ । ଯୁଦ୍ଧ କରିବାକୁ କାହିଁକି ଯାଉଛ ? ସେ ଅର୍ଥାତ୍ ସମ୍ରାଟ୍ କିସ୍ରା ନିଜର ସେନାପତିକୁ କହିଲା ଯେ, ତା'ର ସୈନ୍ୟବାହିନୀମାନେ ମଳ (ଗୁହ) ଭକ୍ଷଣକାରୀ ସୈନ୍ୟବାହିନୀ ଅଟନ୍ତି, ଅତି ତୁଚ୍ଛ ଆହାର ସେବନକାରୀ ସୈନ୍ୟବାହିନୀ ଅଟନ୍ତି । ଏମାନେ ଆରବ୍ୟମାନଙ୍କୁ ଅଟକାଇ ପାରୁ ନାହାନ୍ତି । ପ୍ରତ୍ୟୁତ୍ତରରେ ସେନାପତି ଜଣକ ଉତ୍ତର ଦେଲା ଯେ, ହେ ସମ୍ରାଟ୍ କିସ୍ରା ! ଏମାନେ ତ' ଲୋକ ଜଣାପଡ଼ୁ ନାହାନ୍ତି । ଏମାନେ ତ' ସାକ୍ଷାତ୍ ଯମ (କାଳ) ଅଟନ୍ତି । ଏମାନେ ଖଡ଼୍‌ଗ ଏବଂ ବର୍ଚ୍ଛା

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan, Jamat Ahmadiya Nargaon, Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 16 October 2025 Issue No. 42

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ଉପରେ ଡେଇଁ ମାଡ଼ି ଆସିଲାବାଲା ଜାତି ଅଟନ୍ତି ।"

**(ତଫ୍‌ସିର୍ କବିର୍, ଭାଗ-7, ପୃ-338, ସଂସ୍କରଣ-2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାକୁ ଆଉ ଏକ ଢଙ୍ଗରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଓହୋଦ୍ ଯୁଦ୍ଧ ଯେତେବେଳେ ସମାପ୍ତ ହେଲା ସେତେବେଳେ ରସୁଲ୍ କରୀମ୍ ସ.ଅ ଜଣେ ସାହାବିଙ୍କୁ ଆହାତ ଅବସ୍ଥାରେ ଦେଖିବା ନିମନ୍ତେ ପ୍ରେରଣ କଲେ । ସେହି ଆହତ ସାହାବି ଜଣକ ଏକ ଅନସାରୀ ବ୍ୟକ୍ତିକୁ ଦେଖିଲେ ଏବଂ ସେହି ଅନ୍‌ସାରୀ ସାହାବି ଜଣକ ଆହତ ସାହାବିଙ୍କୁ ଦେଖିଲେ ଯେ, ସେ ଅତି ଗୁରୁତର ଅବସ୍ଥାରେ ଅଛନ୍ତି । ତେଣୁ ସେହି ଅନ୍‌ସାରୀ ବ୍ୟକ୍ତି ଉକ୍ତ ଗୁରୁତର ସାହାବିଙ୍କ ନିକଟକୁ ଯାଇ କହିଲେ, ହେ ଭାଇ ! ତୁମର ଯଦି କୌଣସି ସନ୍ଦେଶ ରହିଛି ତେବେ ମୋତେ ଦେଇଦିଅ । ମୁଁ ତୁମର ପରିବାର, ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କ ପର୍ଯ୍ୟନ୍ତ ତୁମର ସନ୍ଦେଶ ପହାଞ୍ଚାଇ ଦେବି। ସେହି ଆହତ ଓ ଗୁରୁତର ସାହାବି ଜଣକ କହିଲେ, ମୁଁ ଏହି ଅପେକ୍ଷାରେ ଥିଲି ଯେ, ମୋତେ କୌଣସି ସାହାଯ୍ୟ ମିଳୁ ଓ ମୁଁ ଏହା ମାଧ୍ୟମରେ ନିଜର ପରିବାର, ପରିଜନମାନଙ୍କୁ ଏକ ସନ୍ଦେଶ ପ୍ରେରଣ କରିଦେବି । ଅତଏବ୍ ଭଲ ହେଲା ତୁମେ ମୋତେ ଏଠାରେ ମିଳିଗଲ । ଆଣ ତୁମର ହାତ ମୋ ହାତରେ ଦିଅ ଓ ମୋତେ ଏହି ପ୍ରତିଜ୍ଞା ଦିଅ ବା କଥାଦିଅ ଯେ, ତୁମେ ମୋର ସନ୍ଦେଶ ମୋ ପରିବାର ଏବଂ ମୋ ବଂଶ ପର୍ଯ୍ୟନ୍ତ ପହାଞ୍ଚାଇ ଦେବ । ସେହି ଅନ୍‌ସାରୀ ବ୍ୟକ୍ତି ଜଣକ ଉକ୍ତ ଗୁରୁତର ସାହାବି ଅର୍ଥାତ୍ ସାଆଦ୍ ବିନ୍ ରବିଇ ର.ଅଙ୍କ ହାତରେ ନିଜର ହାତ ରଖି ଏହି ପ୍ରତିଜ୍ଞା ଓ ସ୍ୱୀକାରୋକ୍ତି ପ୍ରକାଶ କଲେ ଯେ, ମୁଁ ତୁମର ସନ୍ଦେଶ ଅବଶ୍ୟ ପହଞ୍ଚାଇଦେବି । ପ୍ରତ୍ୟୁତ୍ତରରେ ସେହି ଆହତ ସାହାବି (ହ. ସାଆଦ୍ ବିନ୍ ରବିଇ ର.ଅ) କହିଲେ, ବସ୍! ତୁମେ ମୋର ଆତ୍ମୀୟ ସ୍ୱଜନ, ପରିବାର ତଥା ଭାଇ ବନ୍ଧୁମାନଙ୍କୁ ଯାଇ କହିଦେବ ଯେ, ମୁହମ୍ମଦ୍ ସ.ଅ ଆମମାନଙ୍କ ଜାତିର୍ ସର୍ବୋତ୍କୃଷ୍ଟ ଅମୂଲ୍ୟ ନିଧି ଓ ଅମାନତ୍ (ସନ୍ତକ) ଅଟନ୍ତି ଯେକି ଆମମାନଙ୍କ ପାଖରେ ଅଛନ୍ତି । ମୋର ଏହି ବିଶ୍ୱାସ ରିହଛି ଯେ, ତୁମ ମନରେ ମଧ୍ୟ ଉକ୍ତ ଅମୂଲ୍ୟ ନିଧି ପ୍ରତି ସଠିକ୍ ମୂଲ୍ୟବୋଧଜନିତ ମର୍ଯ୍ୟାଦା ଥିବ । କିନ୍ତୁ ତଥାପି ମୁଁ ମଧ୍ୟ ଏହାକୁ ନିଜର କର୍ତ୍ତବ୍ୟ ବୋଲି ମନେକରୁଛି ଯେ, ମୁଁ ତୁମକୁ ଉକ୍ତ ସନ୍ଦେଶ ଦେବି **(ଅବଶିଷ୍ଟାଂଶ .......ପରବର୍ତ୍ତୀ ସଂଖ୍ୟାରେ)**

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନ୍‌ୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦ୍ଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବସ୍ଥଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan